● ରଘୁନାଥପୁରରେ ବସ୍ ମାଲିକ ସଂଘର ବନ୍ଧୁମିଳନ

## ବିଜେଡି ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇଲା ସଂଘ



**ବାରିପଦା, ୨୨।୫(ସମିସ):** ସାଧାରଣ ନିର୍ବାଚନର ତାରିଖ ଯେତେ ପାଖେଇ ଆସୁଛି ବିଜେଡି ପ୍ରତି ଜନସାଧାରଣଙ୍କ ସମର୍ଥନ ବୃଦ୍ଧି ପାଇବାରେ ଲାଗିଛି। ବିଜେଡିର ଲୋକସଭା ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଆଗାମୀ ନିର୍ବାଚନରେ ଜୟଯୁକ୍ତ କରିବା ପାଇଁ ମୟୂରଭଞ୍ଜ ବସ ମାଲିକ ସଂଘ ସମର୍ଥନ ଜଣାଇଛନ୍ତି। ଫଳରେ ବିଜୁ ଜନତା ଦଳର ମୟୂରଭଞ୍ଜ ଜିଲ୍ଲାରେ ସୁଦୃଢ ହୋଇଛି। ବାରିପଦାର ରଘୁନାଥପୁରରେ ବସ ମାଲିକ ସଂଘ ପକ୍ଷରୁ ବୁଧବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଧିବଦ୍ଧ ଭାବେ ମୟୂରଭଞ୍ଜ ବସ ମାଲିକ ସଂଘ ବିଜେଡିକୁ ସମର୍ଥନ ଜଣାଇଛନ୍ତି। ଜିଲ୍ଲାର ସମସ୍ତ ବସ ମାଲିକମାନେ ପରିବାର ସଦସ୍ୟଙ୍କ ସମେତ ବନ୍ଧୁ ମିଳନରେ ଉପସ୍ଥିତ ରହି ବିଜୁ ଜନତା ଦଳ ପ୍ରତି ସମର୍ଥନ ଘୋଷଣା କରିଛନ୍ତି। ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଭୟଙ୍କ ଉପସ୍ଥିତିରେ ଆଗାମୀ ସାଧାରଣ ନିର୍ବାଚନରେ ସଂଘ ପକ୍ଷରୁ ସମର୍ଥନ ନେଇ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ବିଜୁ ଜନତା ଦଳ ବିପକ୍ଷ ଦଳଠାରୁ ବହୁ ଭୋଟ ବ୍ୟବଧାନରେ ବିଜୟ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିବେ ବୋଲି କହିଛନ୍ତି। ସଂଘ ସଭାପତି ସୁନିଲ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଉଭୟ ପ୍ରାର୍ଥୀ, ଉପ ନଗରପାଳ ସୀମା ଦାସ, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କରଞ୍ଜିଆ ବିଧାନସଭା ଆସନ ପାଇଁ ଆଜି ପ୍ରଚାର ଶେଷ

# ୨୫ରେ ନିର୍ବାଚନ; ବିଜେଡି-ବିଜେପି ଲଢ଼େଇ

ବାରିପଦା/କରଞ୍ଜିଆ, ୨୨।୫(ସମିସ)

ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ(ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀ-୩୦ କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀ-୪ ଅଧୀନରେ ରହିଛି। ଷଷ୍ଠ ପର୍ଯ୍ୟାୟ ତଥା ୨୫ ତାରିଖରେ ଏଠାରେ ନିର୍ବାଚନ ଅନୁଷ୍ଠିତ ହେବ। ଗୁରୁବାର ପ୍ରଚାରର ଶେଷ ଦିନ। ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର କରଞ୍ଜିଆର ସହକାରୀ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ଦାଶଙ୍କ ସୂଚନା ଅନୁସାରେ ଶନିବାର ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଛି। କରଞ୍ଜିଆ ନିର୍ବାଚନ ମଣ୍ଡଳୀଟି କରଞ୍ଜିଆ ବ୍ଲକ, ଏନଏଏସି, ଠାକୁରମୁଣ୍ଡା ବ୍ଲକ ଓ କପ୍ତିପଦା ବ୍ଲକର ୯ଟି ପଞ୍ଚାୟତକୁ ନେଇ ଗଠିତ। ଏଠାକାର ମୋଟ ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୯୯ହଜାର ୨୩୭ ଥିବାବେଳେ ୯୮ହଜାର ୩୦୬ଜଣ ପୁରୁଷ, ୧ଲକ୍ଷ ୯୨୫ଜଣ ମହିଳା ଓ ୬ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ନୂଆ ଭୋଟରଙ୍କ ଏଠାରେ ୪ ହଜାର ୮୮୬ଜଣ ରହିଛନ୍ତି। ମେ ୨୫ତାରିଖ ଶନିବାରରେ ଏଠାରେ ନିର୍ବାଚନ ହେବ। ଏଥିପାଇଁ ୨୪୧ଟି ବୁଥରେ ସମସ୍ତ ବ୍ୟବସ୍ଥା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୩୦ଟି ସମ୍ବେଦନଶୀଳ ବୁଥ ପ୍ରତି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ସଖୀ ବୁଥ, ଯୁବ ବୁଥ ଓ ଦିବ୍ୟାଙ୍ଗଙ୍କ ବୁଥରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସପି ଏସ ସୁଶ୍ରୀ ନିଜେ କରଞ୍ଜିଆ ଗସ୍ତ କରି ଫ୍ଲାଗମାର୍ଚ୍ଚରେ ସାମିଲ ହେବା ସାଙ୍ଗକୁ ଶାନ୍ତିଶୃଙ୍ଖଳାରେ ନିର୍ବାଚନ ପରିଚାଳନା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ପୃଥକ ଷ୍ଟ୍ରଙ୍ଗରୁମରେ ଲୋକସଭା ଓ ବିଧାନସଭା ପାଇଁ ଇଭିଏମ ଓ ଭିଭିପାଟ ୨୪ଘଣ୍ଟିଆ ପହରା ତଥା ସିସିଟିଭି ନଜରରେ



## ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୯୯ହଜାର ୨୩୭

ଥିବା ବେଳେ ବୁଥଓ୍ବାରୀ ନିଯୁକ୍ତ ପୋଲିଂ ଟିମ ସେଗୁଡିକ ନେଇ ୨୪ତାରିଖ ସୁଦ୍ଧା ବୁଥରେ ପହଞ୍ଚିବେ। ମତଦାନ ଶେଷ ପରେ ପୁଣି ସେସବୁ ଆଣି କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଦାଖଲ କରିବେ। ସେଠାରେ ଜୁନ ୪ତାରିଖରେ ଗଣତି ଆରମ୍ଭ ହୋଇ ଫଳାଫଳ ପ୍ରକାଶ ପାଇବ। ଜିଲ୍ଲାର ପ୍ରତିକୂଳ ପରିସ୍ଥିତିରେ ୨୦୧୯ ନିର୍ବାଚନରେ ଏଠାରୁ ବିଜେଡିର ବାସନ୍ତୀ ହେମ୍ବ୍ରମ ବିଜୟୀ ହୋଇ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ସେହିପରି ପଞ୍ଚାୟତ ଓ ପୌର ନିର୍ବାଚନରେ ମଧ୍ୟ ବିଜେଡି ଭଲ ପ୍ରଦର୍ଶନ କରି ସମସ୍ତ ଜିଲ୍ଲା ପରିଷଦ ଆସନ, ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଆସନ ସମେତ କରଞ୍ଜିଆ ଏନଏସିର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଆସନ ହାତେଇଥିଲା। ସାଧାରଣ ନିର୍ବାଚନରେ ମଧ୍ୟ ଅନୁରୂପ ଫଳ ଦୋହରାଇବାକୁ ଦଳ ରଣକୌଶଳକୁ ଆପଣାଇବାକୁ ମନ୍ତ୍ରୀ ବାସନ୍ତୀଙ୍କୁ ଦଳ ପୁଣି ଟିକଟ ଦେଇଛି। ଦଳପକ୍ଷରୁ ନିର୍ବାଚନ ମଣ୍ଡଳୀର ବିକାଶ ଓ ନିର୍ବାଚନ ଗ୍ୟାରେଣ୍ଟିକୁ ନେଇ ଜୋରଦାର ପ୍ରଚାର କରାଯାଉଥିବା ବେଳେ ଦଳର ଷ୍ଟାର ପ୍ରଚାରକ ତଥା ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ଠାକୁରମୁଣ୍ଡାରେ ଆୟୋଜିତ ବିଶାଳ ନିର୍ବାଚନ ସଭାରେ ପ୍ରଚାର କରି ଫେରିଛନ୍ତି। ସେହିପରି ବିଜେପି ଏଠାରୁ ପୂର୍ବତନ ବିଧାୟକ ପଦ୍ମଚରଣ ହାଇବୃଙ୍କୁ ପ୍ରାର୍ଥୀ କରି ଲଢେଇକୁ ଜୋରଦାର କରିଛି। ତାଙ୍କ ସପକ୍ଷରେ ପ୍ରଚାର ପାଇଁ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ସମେତ ଉତ୍ତରାଖଣ୍ଡର ବିଜେପିର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରଚାର କରି ଫେରିଥିବା ବେଳେ ଶେଷଦିନ ଗୁରୁବାର ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଆସୁଛନ୍ତି। ଏଠାରେ ଏହି ଦୁଇ ପ୍ରାର୍ଥୀଙ୍କ ବ୍ୟତୀତ କଂଗ୍ରେସର ଲକ୍ଷ୍ମୀଧର ସିଂ ଓ ସ୍ୱାଧୀନ ପ୍ରାର୍ଥୀ ପୂର୍ବତନ ବିଧାୟକ ବିଜୟ ନାଏକଙ୍କ ନିର୍ବାଚନ ପ୍ରଚାର କରୁଥିବା ବେଳେ ୧୧ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଅନ୍ୟ ୭ଜଣଙ୍କ ପ୍ରଚାର ପ୍ରଭାବହୀନ ରହିଛି। ମୁଖ୍ୟତଃ ଲଢେଇ ବାସନ୍ତୀ ଓ ପଦ୍ମଚରଣଙ୍କ ମଧ୍ୟରେ ହେଉଛି।

# ଶଙ୍ଖମୟ ହେଲା ୪୮ ନଂ. ଜୋନ୍‌ସ୍ତରୀୟ ନିର୍ବାଚନୀ ସଭା

ମୋରଡ଼ା/ରାସଗୋବିନ୍ଦପୁର, ୨୨।୫(ସମିସ)

ବାଜି ସାରିଛି ନିର୍ବାଚନି ବିଗୁଲ। ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀ ନିଜର ପ୍ରାର୍ଥିପତ୍ର ଦାଖଲ କରି ସାରିବା ପରେ ଏବେ ପ୍ରଚାରକୁ ଜୋରସୋର କରିଛନ୍ତି। ଏହି କ୍ରମରେ ବିଜୁ ଜନତା ଦଳ ପ୍ରଚାରରେ ବହୁ ଆଗରେ ରହିଥିବାବେଳେ ଦଳୀୟ ପ୍ରାର୍ଥୀ ପ୍ରୀତିନନ୍ଦା କାନୁନଗୋ ହାତଯୋଡି ଲୋକଙ୍କୁ ଭୋଟ ଭିକ୍ଷା କରୁଛନ୍ତି। ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ନିର୍ବାଚନ ମଣ୍ଡଳୀ ସର୍ବଦା ଚର୍ଚ୍ଚାରେ ରହିଆସିଛି। ଏହି ଆସନ ସାଧାରଣବର୍ଗ ପାଇଁ ଉଦ୍ଦିଷ୍ଟ। ଆଜି ୪୮ନମ୍ବର ଜୋନସ୍ତରୀୟ କାର୍ଯ୍ୟକ୍ରମ ରାସଗୋବିନ୍ଦପୁରର ଅମରଦା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। କୋର୍ଡିନେଟର କୃଷ୍ଣାନନ୍ଦ ମହାନ୍ତିଙ୍କ ନିର୍ଦ୍ଦେଶ ଅନୁସାରେ ବ୍ଲକ ଛାତ୍ର ସଭାପତି ଆଶିଷ ମହାନ୍ତ ଏବଂ ଯୁବ ସଭାପତି ଉତ୍କଳ ମହାନ୍ତି ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ଲିଙ୍ଗରାଜ ପରିଡ଼ାଙ୍କ ନେତୃତ୍ୱରେ ପଣିସାପଡ଼ାରୁ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇ ଏକ ବିରାଟ ପଟୁଆରରେ ପ୍ରୀତିନନ୍ଦାଙ୍କୁ ଢାକ ବାଜା ବଜାଇ ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ। ମଞ୍ଚରେ ମୋରଡ଼ା ନିର୍ବାଚନ ମଣ୍ଡଳୀ କୋଡ଼ିନେଟର କୃଷ୍ଣାନନ୍ଦ ମହାନ୍ତି, ବିଧାୟକ ରାଜକିଶୋର ଦାସ, ବିଧାୟକ ପ୍ରାର୍ଥୀନୀ ପ୍ରୀତିନନ୍ଦା କାନୁନଗୋ, ବ୍ଲକ କୋର୍ଡ଼ିନେଟର ବିଜନ ନାୟକ, ୪୭ନମ୍ବର ଜୋନ କୋର୍ଡ଼ିନେଟର ଜୟନ୍ତ ବେହେରା, ୪୮ନମ୍ବର କୋର୍ଡ଼ିନେଟର ଉତ୍ତମ ମହାନ୍ତି, ମହିଳା ସଭାପତି ଉଜ୍ଜୟିନୀ ବେହେରା, କାର୍ଯ୍ୟକାରୀ ସଭାପତି ମଧୁସ୍ମିତା ଚୌବେ, ଜିଲ୍ଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ଡାକୁଆ, ଦଶରଥ ରାମ, ବ୍ଲକ ଭାଇସ ଚେୟାରମ୍ୟାନ ପଦନ ଦେହୁରୀ, ମୋରଡ଼ା ବ୍ଲକ କୋଡ଼ିନେଟର ମୀନକେତନ ମହାନ୍ତି, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ମମତା ଯୋଜନାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ଆସନ୍ତା ଏକ ତାରିଖରୁ ମାଗଣାରେ ବିଜୁଳି ସାଧାରଣ ଲୋକଙ୍କୁ ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ବିଧାୟକ ପ୍ରାର୍ଥୀନୀ ନିଜ ଅଭିଭାଷଣରେ ମିଛ ପ୍ରତିଶ୍ରୁତି ଦେଇ ସାଧାରଣ ଲୋକଙ୍କୁ ଠକି ଭୋଟ ନେଇ ବିରୋଧୀ ଦଳର ପ୍ରାର୍ଥୀ ସାଂସଦ ହୋଇଥିଲେ। ସେହି ଭୁଲ ପୁନର୍ବାର ନ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସେହିପରି ମିଶନ ଶକ୍ତି ମହିଳାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାରେ ସହଯୋଗ କରିବା ସହ ଯୋଡି ଶଙ୍ଖରେ ଭୋଟଦେଇ ଲୋକସଭା ପ୍ରାର୍ଥୀ ସୁଦାମ ମାରାଣ୍ଡି ଏବଂ ବିଧାନସଭା ପ୍ରାର୍ଥୀ ପ୍ରୀତିନନ୍ଦା କାନୁନଗୋଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ।







## ୨୪ରେ ମୟୂରଭଞ୍ଜ ଆସୁଛନ୍ତି ମୁଖ୍ୟମନ୍ତ୍ରୀ

**ବାରିପଦା, ୨୨।୫(ସମିସ):** ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କ ପ୍ରଚାର ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ବିମାନ ବନ୍ଦରରୁ ୧୦.୨୫ରେ ହେଲିକେପ୍ଟର ଯୋଗେ ବାହାରି ରାଇରଙ୍ଗପୁର ସ୍ଥିତ କନ୍ୟା ଆଶ୍ରମ ପଡ଼ିଆରେ ୧୧.୩୦ ଅବତରଣ କରିବେ। ପରେ ସେ କଚେରୀ ପଡ଼ିଆରେ ନିର୍ବାଚନୀ ପ୍ରଚାର ସମାବେଶରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ସମାବେଶ ସାରି ବାରିପଦାର ଛଉ ପଡ଼ିଆରେ ୧୨.୩୫ରେ ପହଞ୍ଚିବେ। ଉଭୟ ସ୍ଥାନରେ ଆୟୋଜିତ ସମାବେଶରେ ବିଭିନ୍ନ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଉଦବୋଧନ ଦେଇ ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କରି ଭୋଟ ଭିକ୍ଷା କରିବେ। ବିଜୁ ଜନତା ଦଳର ପ୍ରାର୍ଥୀ ମାନଙ୍କ ନିମନ୍ତେ ଜନସାଧାରଣଙ୍କ ବିପୁଳ ପରିମାଣରେ ସମର୍ଥନ ନେଇ ନିବେଦନ କରିବେ। କାର୍ଯ୍ୟକ୍ରମ ସାରି ୧.୧୫ରେ ବାରିପଦା ସ୍ଥିତ ସର୍କିଟ ହାଉସରେ ମଧ୍ୟାହ୍ନ ଭୋଜନ କରି ବିଶ୍ରାମ ନେବେ। ପରେ ଅପରାହ୍ନ ୩.୨୫ରେ ଛଉ ପଡ଼ିଆରୁ ହେଲିକେପ୍ଟର ଯୋଗେ ବାଲେଶ୍ୱର ଜିଲ୍ଲାକୁ ଗସ୍ତ କରିବାର ଗସ୍ତସୂଚୀ ରହିଛି। ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତକୁ ନେଇ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା କଡାକଡି କରାଯାଇଛି। ଅନ୍ୟପକ୍ଷରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶନିବାର ବାରିପଦା ଗସ୍ତରେ ଆସୁଥିବା ମଧ୍ୟ ସୂଚନା ମିଳିଛି। ସେ ପୂର୍ବାହ୍ନ ୧୦ଟା ବେଳେ ସ୍ଥାନୀୟ ଛଉ ପଡ଼ିଆରେ ଦଳ ପକ୍ଷରୁ ଆୟୋଜିତ ଜନସଭାରେ ଉଦବୋଧନ ଦେବେ ବୋଲି ବିଜେପି ରାଜ୍ୟ ମୁଖପାତ୍ର କବିବିଷ୍ଣୁ ଶତପଥୀ ସୂଚନା ଦେଇଛନ୍ତି।

ବିଜେଡିର ବିଜୟ ସଂକଳ୍ପ ଶୋଭାଯାତ୍ରା

## ସାନନ୍ଦଙ୍କ ବିଶାଳ ଜନଶୋଭାଯାତ୍ରା

**ବାରିପଦା, ୨୨।୫(ସମସ):** ନିର୍ବାଚନ ପ୍ରଚାର ମଇଦାନରେ ବିଜେଡି ବହୁ ଆଗରେ ରହିଥିବାବେଳେ ଆଜି ବାରିପଦା ପୌରାଞ୍ଚଳରେ ଦଳୀୟ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କ ଏକ ବିଶାଳ ଜନ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ହଜାର ହଜାର ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଜେଡିର ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କ ଉଦ୍ଦେଶ୍ୟରେ କର୍ମୀମାନେ ଭୋଟ ଭିକ୍ଷା କରିଥିଲେ। ଶ୍ରୀ ମାର୍ଣ୍ଡି ନିଜେ ଉପସ୍ଥିତ ରହି ପଦଯାତ୍ରା ମାଧ୍ୟମରେ ମାରାଥନ ପ୍ରଚାର କରିଥିଲେ। ମୁର୍ଗାବାଡ଼ି ଗୋଲେଇଠାରୁ ଆରମ୍ଭ ହୋଇଥିବା ପଦଯାତ୍ରା ଭଞ୍ଜପୁର, ପୁଲିସ ଲାଇନ, ରେଡ଼ିଓ ଷ୍ଟେସନ ଛକ, ଷ୍ଟିଲ ଗୋଲେଇ ହୋଇ ବିଜୁ ଭବନରେ ଶେଷ ହୋଇଥିଲା। ହଜାର ହଜାର ମହିଳା ଓ ପୁରୁଷଙ୍କୁ ନେଇ ପଦଯାତ୍ରା ଜନସମୁଦ୍ର ପାଲଟିଥିଲା। ଏଥିସହିତ ରାସ୍ତାର ପ୍ରତି ଛକରେ ମହିଳାମାନେ ଉପସ୍ଥିତ ରହି ଶ୍ରୀ ମାର୍ଣ୍ଡିଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଜେଡିର ବିକାଶ ବାର୍ତ୍ତାକୁ ପ୍ରତି ଘରେ ଘରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବିଜୟ ସଂକଳ୍ପ ଜନ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ପଦଯାତ୍ରାରେ ଆମ ଓଡ଼ିଶା ନବୀନ ଓଡ଼ିଶାର ସଂଯୋଜକ ସୁନିଲ କୁମାର ଦାଶ, ଉପ-ନଗରପାଳ ସୀମା ଦାଶ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ପୌରପରିଷଦ ସଂଯୋଜକ ନିରୋଜ ଲୋଚନ ସାହୁ, ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ମହିଳା ସଭାନେତ୍ରୀ ଦିପ୍ତୀଲତା ମିଶ୍ର, ଯୁବ ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକ, ଆଶିର୍ବାଦ ଦାସ, ରାଜୀବ ଲୋଚନ ଜେନା, ଆଭାସ ଦେ, ଅବଦୁଲ ହବିବ, ସମସ୍ତ କାଉନସିଲର, ପୂର୍ବତନ କାଉନସିଲର, କର୍ମକର୍ତ୍ତା ସାମିଲ ହୋଇଥିଲେ। ନବୀନ ପଟ୍ଟନାୟକ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ ପରେ ଜୁଲାଇ ମାସରୁ ଗରିବଙ୍କୁ ମାଗଣା ବିଜୁଳି, ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ଓ ୬୦ ବର୍ଷର ମିଶନଶକ୍ତି ମା'ମାନଙ୍କୁ ଭତ୍ତା ପ୍ରଦାନ ଆଦି ତିନୋଟି ଯୋଜନା ପ୍ରଥମେ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି।



## ବାଉଁଶ ବୋଝେଇ ପିକଅପ୍ ଜବତ

ବେତନଟୀ, ୨୨।୫(ସମିସ): ବେତନଟୀ ବଙ୍ଗଲାଛକ ଉପକଣ୍ଠ ସତସଙ୍ଗ ବିହାର ନିକଟରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ବାଉଁଶ ବୋଝେଇ ପିକଅପ୍‌କୁ ପୁଲିସ ଜବତକରି ବୁଧବାର ଅପରାହ୍ନରେ ପରିବହନ ବିଭାଗକୁ ହସ୍ତାନ୍ତର କରିଛି। ଏକ ପିକ୍‌ଅପ୍‌ରେ ବାଲେଶ୍ୱର ଅଭିମୁଖେ ଚାଲାଣ ହେଉଥିବା ବାଉଁଶ ଗାଡିକୁ ଅଟକାଇ ବେତନଟୀ ପୁଲିସ ଯାଞ୍ଚ କରିଥିଲା। ପରିବହନ ଆଇନର ଉଲଙ୍ଘନ ହୋଇଥିବାରୁ ଉକ୍ତ ବାଉଁଶ ବୋଝେଇ ଗାଡିକୁ ପରିବହନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା।

## ଯୁବତୀଙ୍କ ଫଟୋ ଭାଇରାଲ କରି ଯୁବକ ଗିରଫ

କୁଆମରା, ୨୨।୫ (ସମିସ): ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରଲ କରି ଜଣେ ଯୁବକକୁ ପୁଲିସ ଗିରଫ କରିଛି। ସେ ହେଲେ ଚତୁରୀ ଗ୍ରାମର ନିହାର ରଞ୍ଜନ ସିଂ। ନିହାର ଯୁବତୀ ଜଣକ କିଛି ଦିନ ଧରି ପ୍ରେମ କରି ଆସୁଥିଲେ। ବିବାହ ବନ୍ଧନରେ ବାନ୍ଧି ହେବା ପାଇଁ ଉଭୟ ଉଭୟଙ୍କୁ କଥା ଦେଇଥିଲେ; ହେଲେ ଯୁବତୀ ଜଣକ କୌଣସି କାରଣରୁ ବିବାହ କରିବାକୁ ମନାକରିବା ସହ ପ୍ରେମିକଠାରୁ ଦୂରେଇ ଯାଇଥିଲେ। ଫଳରେ ନିହାର ଯୁବତୀଙ୍କ ଫଟୋ ଭାଇରାଲ କରିଥିଲେ। ଯୁବତୀ ଜଣକ ଏହା ଜାଣିବା ପରେ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପରେ ପୁଲିସ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗ୍ୟାସ୍ ଡିପୋରୁ ସିଲିଣ୍ଡର ଚୋରି ଘଟଣାର ପର୍ଦ୍ଦାଫାସ୍ / ଚୋର ଗ୍ୟାଙ୍ଗର ୫ ସମେତ ୮ ଗିରଫ

ବାରିପଦା, ୨୨।୫(ସମିସ)

ଜାନୁଆରୀରୁ ମେ ମାସ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାରେ ଆତଙ୍କ ଖେଳାଇଥିବା ଡିପୋରୁ ସିଲିଣ୍ଡର ଚୋରି ଘଟଣାରେ ପୁଲିସ ପର୍ଦ୍ଦାଫାସ କରିଛି। ବାରିପଦା ସଦର ଥାନା ପୁଲିସ ଗ୍ୟାଙ୍ଗର ୫ଜଣ ସଦସ୍ୟଙ୍କ ସମେତ ୮ଜଣଙ୍କୁ ଗିରଫ କରିଛି। ସେଥିରୁ ୫ଜଣ ଚୋର ରହିଥିବା ବେଳେ ଅନ୍ୟ ୩ ଜଣ ସେମାନଙ୍କ ନିକଟରୁ ସିଲିଣ୍ଡର କିଣିଛନ୍ତି। ଚୋରମାନେ ହେଲେ କୁଳିଅଣା ଥାନା ଅନ୍ତର୍ଗତ ସୌରୀ ଗ୍ରାମର ଶକ୍ତି ପାଣି ଓ ସୌମ୍ୟ ରଞ୍ଜନ ପାଣି, ଟିଟ୍ରି ଗ୍ରାମର ଅଜୟ କୁମାର ବେହେରା, ବାଲିମୁଣ୍ଡଳି ଗ୍ରାମର ସିପୁ ସିଂ ଓ ଉମାଶଙ୍କର ନାୟକ। ସେହିପରି ସିଲିଣ୍ଡର କିଣିଥିବାମାନେ ବ୍ୟକ୍ତି ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ତୁଳସୀଚୌରା ଅଞ୍ଚଳର ନିର୍ମଳ ଗୋଛାୟତ, ବାଲେଶ୍ୱର ଜିଲ୍ଲାର ଖନ୍ତାପଡ଼ାର ରାଜନାରାୟଣ ପାଣିଗ୍ରାହୀ ଓ କୁଳିଅଣା ଥାନା ଅନ୍ତର୍ଗତ ପରିଆକୁଳି ଗ୍ରାମର ସନଥୁ ଚୌହାନ। ଏମାନଙ୍କ ନିକଟରୁ ୧୮ଟି ସିଲିଣ୍ଡର ସମେତ ଏକ ପିକଅପ, ଏକ କାର ଓ ୬ଟି ମୋବାଇଲ ଜବତ ହୋଇଛି। ଏନେଇ ବୁଧବାର ବାରିପଦା ସଦର ଥାନାରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ବାରିପଦା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଜାନୁଆରୀ ୨୫ତାରିଖ ବିଳମ୍ବିତ ରାତିରେ ବାରିପଦା ସଦର ଥାନା ଅନ୍ତର୍ଗତ ଶ୍ୟାମାଖୁଣ୍ଟାର ଧନପୁର ସ୍ଥିତ ଏଚପି ଗ୍ୟାସ ଗୋଦାମରୁ ୫୬ଟି ସିଲିଣ୍ଡର ଚୋରି ହୋଇଥିଲା। ତାପରଦିନ ପୁଣି ଲକ୍ଷାଧିକ ଟଙ୍କାର ସିଲିଣ୍ଡର ଚୋରି ହୋଇଥିବା ନେଇ ବାରିପଦା ସଦର ଥାନାରେ ଅଭିଯୋଗ ହୋଇଥିଲା। ଦୁର୍ବୃତ୍ତମାନେ ୫୬ଟି ଖାଲି ସିଲିଣ୍ଡର ଚୋରି କରିଥିଲେ ଏବଂ ସେଗୁଡ଼ିକର ମୂଲ୍ୟ ୧ଲକ୍ଷ ୨୩ ହଜାର ୨୦୦ଟଙ୍କା ହେବ ବୋଲି ଅଭିଯୋଗରେ ଉଲ୍ଲେଖ କରିଥିଲେ। ଖାଲି ସିଲିଣ୍ଡର ଗୁଡ଼ିକୁ ଫେରସ୍ତ ଅଣାଯାଇ ସେଗୁଡ଼ିକୁ ଗୋଦାମରେ ଗଚ୍ଛିତ ରଖାଯାଇଥିଲା। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଗ୍ୟାସ ଗୋଦାମର ତାଲା ଭାଙ୍ଗି ଖାଲି ସିଲିଣ୍ଡରଗୁଡ଼ିକୁ ଚୋରି କରି ନେଇଥିବା ସ୍ୱତ୍ୱାଧିକାରୀ ସାରଦା ମହାନ୍ତ ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଧନପୁର ଅଞ୍ଚଳରେ ଏକ ପିକଅପ ଭ୍ୟାନ ଓ କାରରେ ସିଲିଣ୍ଡର ନେଇ ପୁଲିସକୁ ଖବର ମିଳିଥିଲା। ସନ୍ଦେହ କରି ପୁଲିସ ୫ଜଣକୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ଚୋରି କରିଥିବା ସ୍ୱୀକାର କରିଥିଲେ। ଧନପୁର ଗ୍ୟାସ ଗୋଦାମ ସମେତ ଗତ ଫେବ୍ରୁଆରୀ ମାସରେ ବଡ଼ସାହି ଓ ଏପ୍ରିଲ ମାସରେ ବିଶୋଇ ଗାଦାମରୁ ସିଲିଣ୍ଡରରେ ମଧ୍ୟ ସେମାନେ ସମ୍ପୃକ୍ତ ଥିବା ମାନିଥିଲେ। ପରେ ପୁଲିସ ଚଢ଼ଉ କରି ଗୋଟିଏ ସ୍ଥାନରୁ ୧୪ ଓ ଅନ୍ୟ ସ୍ଥାନରୁ ୪ଟି ସିଲିଣ୍ଡର ଜବତ କରିବା ସହ ୩ଜଣ କ୍ରେତାଙ୍କୁ ଗିରଫ କରିଥିଲା। ଉକ୍ତ ଚୋରି ଗ୍ୟାଙ୍ଗଙ୍କ ନାମରେ କୁଳିଅଣା, ବିଶୋଇ, ବଡ଼ସାହି ଆଦି ଥାନାରେ ପୂର୍ବରୁ ଅଭିଯୋଗ ହୋଇଛି। ତେବେ ଅନ୍ୟ ଗ୍ୟାସ ସିଲିଣ୍ଡର ଗୁଡିକୁ ଜବତ କରିବା ନେଇ ପୁଲିସ ତଦନ୍ତ ପ୍ରକ୍ରିୟା ଜାରି ରଖିଥିବା ନେଇ ସୂଚନା ଦିଆଯାଇଛି। ଗତ ୫ମାସ ମଧ୍ୟରେ ଚୋରଦଳ ଜିଲ୍ଲାର ୮ଟି ଗୋଦାମରୁ ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଖାଲି ଟାଙ୍କି ଚୋରି କରିନେଇଛନ୍ତି। ଯାହାର ବଜାର ମୂଲ୍ୟ ୧୫ଲକ୍ଷ ଟଙ୍କା ହେବବୋଲିଅନୁମାନକରାଯାଉଛି। ଏହିଘଟଣାରଅଧିକ ତଦନ୍ତ ଜାରି ରହିଥିବାରୁ ଏଥିରେ ସମ୍ପୃକ୍ତ ଅନ୍ୟମାନେ ଖୁବଶୀଘ୍ର ଗିରଫ ହେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।



**୧୮ ସିଲିଣ୍ଡର, ପିକଅପ୍, କାର୍ ଓ ମୋବାଇଲ୍ ଜବତ**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୬ କାମଦେବ ଜେନା

(ଅବସରପ୍ରାପ୍ତ ପୋଷ୍ଟମାଷ୍ଟର)

ଗୋବିନ୍ଦପୁର, ପ୍ରିତିପୁର, ଯାଜପୁର

ଆବିର୍ଭାବ: ୨୮.୦୫.୧୯୬୧

ତିରୋଧାନ: ୧୩.୦୫.୨୦୨୪

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତଜନାଥ ଶ୍ରୀ ଜଗନ୍ନାଥ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:

ମାଆ- ଲକ୍ଷ୍ମୀ ଜେନା, ପତ୍ନୀ-ସ୍ନେହଲତା ଜେନା, ପୁତ୍ର- ଜନ୍ମେଜୟ, ମୃତ୍ୟୁଞ୍ଜୟ, ଚିରଞ୍ଜିବ, ଚିନ୍ମୟ, ପୁତ୍ରବଧୂ-ଦିପ୍ତିରାଣୀ, ନାତି- ଜୟଦୀପ ଓ ରୁଦ୍ରାଂଶ




### ଘରେ ଘରେ ଅନସୂୟାଙ୍କ ନିର୍ବାଚନ ପ୍ରଚାର

# ବିଜେପି ଓ କଂଗ୍ରେସର ଶତାଧିକ ଯୁବଛାତ୍ର ବିଜେଡିରେ ସାମିଲ

ବଡସାହି, ୨୨।୫(ସମିସ): ଶେଷ ପର୍ଯ୍ୟାୟ ନିର୍ବାଚନ ଆଉ ରହିଲା ୯ ଦିନ। ତେଣୁ ସବୁ ଦଳ ପକ୍ଷରୁ ପ୍ରଚାର ମଧ୍ୟ ଜମିବାରେ



ଲାଗିଛି। ପ୍ରଚାରରେ ବିଜେଡି ଆଗରେ ରହିଥିବା ଜଣାପଡ଼ିଛି। ବଡସାହି ବିଧାୟିକା ପ୍ରାର୍ଥିନୀ ଅନସୂୟା ପାତ୍ର ଓ ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ବଡସାହି ନିର୍ବାଚନମଣ୍ଡଳୀ ଅଧୀନ ୪୫ଟି ପଞ୍ଚାୟତରେ ବାଇକ୍ ରାଲି ମାଧ୍ୟମରେ ଘରକୁ ଘର ବୁଲି ବିଭିନ୍ନ କାର୍ଯ୍ୟକ୍ରମ ସହିତ ଭୋଟ ଭିକ୍ଷା କରୁଛନ୍ତି। ବିଭିନ୍ନ ସ୍ଥାନରେ ଶତାଧିକ ମହିଳା ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି। ନିର୍ବାଚନ ଯେତିକି ପାଖେଇ ଆସୁଛି ସେତିକି ପ୍ରଚାର ସରଗରମ ହେଉଛି। ପ୍ରଚାରର ମଙ୍ଗ ଧରିଛନ୍ତି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ମନୋରଞ୍ଜନ ସେଠୀ, ନିର୍ବାଚନ ମଣ୍ଡଳୀ ସଂଯୋଜିକା ସବିତା ହାଁସଦା, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ବିଶ୍ୱନାଥ ହେମ୍ବ୍ରମ୍, ସବିତା ଦାସ ଓ ଧାନୀ କିସ୍କୁ, ବଡସାହି ବ୍ଲକ ଅଧକ୍ଷା ମିନତୀ ସିଂ, ଉପାଧକ୍ଷ୍ୟ କାଞ୍ଚନ ପ୍ରଧାନ, ବେତନଟୀ ବ୍ଲକ ଅଧକ୍ଷ୍ୟା କୌଶଲ୍ୟା ମାଝୀ, ବେତନଟୀ ମହିଳା ସଭାପତି ସେହ୍ନଲତା ପାଣି, ଫେଡରେସନ ସଭାପତି ପୂର୍ଣ୍ଣିମା ମିଶ୍ର ଓ ଭାରତୀ ଦାସ, ବେତନଟୀ ବ୍ଲକ ସଭାପତି ସନ୍ତକ ଲେଙ୍କା, ଜିଲ୍ଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ଦଳେଇ, ଅଭିନ୍ନ ସୁନ୍ଦର ପାତ୍ର, ବଡସାହି ବ୍ଲକ ସଂଯୋଜକ ସନ୍ତୋଷ କୁମାର ଜେନା, ଜୋନ ସଂଯୋଜକ ରାଜେନ୍ଦ୍ର ବେହେରା, ଜ୍ଞାନରଞ୍ଜନ ଦାଶ, ରବି ଧଳ ଓ ଚିନ୍ମୟ ପଣ୍ଡା, ବରିଷ୍ଠ ନେତା ରଣଜିତ ପାତ୍ର, ସାଧାରଣ ସମ୍ପାଦକ ବୃନ୍ଦାବନ ଦାସ, ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର ଓ ମାନସ ଜେନା, ଯୁବ ନିର୍ବାଚନଣ୍ଡଳୀ ସଭାପତି ରାକେଶ ମହାପାତ୍ର, ଛାତ୍ର ସଭାପତି ବାଇଧର ବିନ୍ଧାଣୀ, ମନିଷ ଗିରି। ବିଜେଡି ପ୍ରାର୍ଥୀମାନେ ଘରକୁ ଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଭୋଟ ମାଗୁଛନ୍ତି। ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ



ଯୋଜନା, ବିକାଶ ମୂଳକ କାର୍ଯ୍ୟକ୍ରମ ଓ ରୂପାନ୍ତରିତ ଓଡ଼ିଶାରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକଙ୍କ ସାମ୍ନାକୁ ଆଣୁଛନ୍ତି। ସେହିପରି ବଡସାହି ନିର୍ବାଚନମଣ୍ଡଳର ସ୍ତରୀୟ କାର୍ଯ୍ୟାଳୟରେ ନିର୍ବାଚନମଣ୍ଡଳୀ ସଂଯୋଜକ ସୁବ୍ରମଣ୍ୟମ ମହାନ୍ତ, ବ୍ଲକ ସଭାପତି ତପନ କୁମାର ପତି, ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରାକେଶ ମହାପାତ୍ର ଓ ଛାତ୍ର ସଭାପତି ବାଇଧର ବିନ୍ଧାଣୀଙ୍କ ଉପସ୍ଥିତିରେ ବିଭିନ୍ନ ପଞ୍ଚାୟତର ଶତାଧିକ ଯୁବଛାତ୍ର ନେତା ବିଜେପି ଓ କଂଗ୍ରେସ ଛାଡି ବିଜେଡିରେ ବିଧିବଦ୍ଧଭାବେ ସାମିଲ ହାଇଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି। ସେମାନେ ଏକ ବିରାଟ ବାଇକ୍ ରାଲିରେ ଆସି ବିଜେଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେମାନଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା।

## କଂଗ୍ରେସର ଆଭିମୁଖ୍ୟ ନେଇ ଦ୍ୱନ୍ଦ୍ୱରେ କର୍ମୀ; ଦୋଛକିରେ ସଂଗଠନ

ବହଳଦା, ୨୨।୫ (ସମିସ): ଏକଦା କଂଗ୍ରେସର ଗଡ଼ ଥିବା ମୟୂରଭଞ୍ଜ ଏବେ ଦଳର କେନ୍ଦ୍ରୀୟ ନେତୃବୃନ୍ଦ ଓ ରାଜ୍ୟ ନେତୃତ୍ୱର ଅପରିଣାମଦର୍ଶିତା ପାଇଁ ଦୟନୀୟ ଓ ଲଜ୍ଜାଜନକ ପରିସ୍ଥିତିରେ ଗତି କରୁଛି। ଅବସ୍ଥା ଏପରି ହେଇଛି ଯେ ପ୍ରାର୍ଥୀ ନ ଦେଇ ଇଣ୍ଡି ମେଣ୍ଟ ନାଁରେ ମୟୂରଭଞ୍ଜ ଲୋକସଭା ଆସନଟି ଜେଏମଏମ୍ ହାତକୁ ଟେକି ଦେଇଛି; ଯାହା ଜିଲ୍ଲାର ଦଳୀୟ ନେତା ଓ କର୍ମୀଙ୍କୁ ଗଭୀର ମର୍ମାହତ କରିଛି। ସ୍ୱାଧୀନତା ପରବର୍ତ୍ତୀ ସମୟରୁ ୧୯୫୧ ପ୍ରଥମ ସାଧାରଣ ନିର୍ବାଚନ ପରଠୁ ଏହି ଲୋକସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ୬ ଥର ବିଜୟୀ ହୋଇଥିବାବେଳେ ଅଣକଂଗ୍ରେସ ୧୧ଥର (ତନ୍ମଧ୍ୟରୁ ବିଜେପି ୩ଥର ବିଜୟୀ ହୋଇଛି। ରାମଚନ୍ଦ୍ର ମାଝୀ (ହେମ୍ବ୍ରମ), ମନମୋହନ ଟୁଡୁ, ସିଦ୍ଧିଲାଭ ମୁର୍ମୁ, ଭାଗେ ଗୋବର୍ଦ୍ଧନ ଓ ସୁଶୀଳା ତିରିଆଙ୍କ ଭଳି ପ୍ରଭାବଶାଳୀ ନେତା ସାଂସଦ ଭାବେ ପ୍ରତିନିଧିତ୍ୱ କରିଛନ୍ତି। ଏକଦା ତୃଣମୂଳ ସ୍ତରରେ ଦୃଢ଼ ସଂଗଠନ ଥିବା କଂଗ୍ରେସ ଦଳ ଏବେ ଦୀଶାହୀନ। ସେହିପରି ମୟୂରଭଞ୍ଜର ଗୁରୁତ୍ୱପୂର୍ଣ୍ଣ ରାଇରଙ୍ଗପୁର ବିଧାନସଭା କ୍ଷେତ୍ରରେ ମଧ୍ୟ ଦଳର ଅବସ୍ଥା ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଲକ୍ଷ୍ମଣ ମାଝୀ ଓ ଶ୍ୟାମଚରଣ ହାଁସଦା ଦଳରେ ଥିବା ବେଳେ ଦଳ ତାଙ୍କୁ ଉପରେ ଆସ୍ଥା ନ ରଖି ନୂଆ ଚେହେରା; ଯାହାଙ୍କୁ କଂଗ୍ରେସ କର୍ମୀ ଜାଣିନାହାନ୍ତି କି ଏପର୍ଯ୍ୟନ୍ତ ଦେଖିନାହାନ୍ତି ବୋଲି ଚର୍ଚ୍ଚା ହେଉଛି। 'ଫେସ ଭେଲ୍ୟୁ' ନ ଥିବା ଲୋକଙ୍କୁ ପ୍ରାର୍ଥୀ କରି ଜିଲ୍ଲା ରାଜନୀତିରୁ ନିଜ ଅସ୍ତିତ୍ୱ ଏବଂଓ ସଂଗଠନ ଲୋପ କରୁଛି ଦଳ। ଦେଶର ସର୍ବପୁରାତନ ଦଳ କଂଗ୍ରେସର ଏପରି ଦୂରବସ୍ଥା ନେଇ ସାଧାରଣ ଲୋକ ବି ଚିନ୍ତା ପ୍ରକଟ କରିଛନ୍ତି। ଚଳିତ ନିର୍ବାଚନରେ ଦଳର ଅସ୍ପଷ୍ଟ ଆଭିମୁଖ୍ୟ ଦଳୀୟ ନେତା ଓ କର୍ମୀଙ୍କୁ ନିରୁତ୍ସାହିତ କରିଛି। ଦୀର୍ଘ ବର୍ଷ ଧରି ପ୍ରତିକୂଳ ବାତାବରଣରେ ମଧ୍ୟ ଦଳରେ ଥିବା ଶହଶହ କର୍ମୀ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। କଂଗ୍ରେସ ଦଳର ସ୍ଥାଣୁତା ବିଜେଡି-ବିଜେପିକୁ ନିର୍ବାଚନ ରେ 'ୱାକ ଓଭର' ଦେଖାଦେଇଥିବା ରାଜନୀତି ସମୀକ୍ଷକମାନେ ମତ ଦେଇଛନ୍ତି।

## ଗଛ କାଟିବାକୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ରାଇରଙ୍ଗପୁର, ୨୨।୫(ସମିସ): ଗୋରୁମହିଷାଣି ଲୌହଖଣି ଅଞ୍ଚଳ ପାହାଡ଼ ଘେରରେ ରହିଥିବା ବାଲିଖଣି, ବଡ଼ବିଲ ଓ କରୁପିଟ ଗାଁ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ କରାଯାଇଛି। ଦୀର୍ଘ ଦିନ ହେଲା ଜଙ୍ଗଲ ଦେଇ ରାସ୍ତା କଡରେ ବିଦ୍ୟୁତ ତାରଗୁଡିକ ଗଛ ସହିତ ଲାଗିରହିଛି। ଫଳରେ ଯେ କୌଣସି ସମୟରେ ବନ୍ୟଜନ୍ତୁଙ୍କ ସହ ଯିବା ଆସିବା କରୁଥିବା ଲୋକଙ୍କ ପାଇଁ ବିପଦ ଦେଖାଦେଇଛି। ତେଣୁ ବିଦ୍ୟୁତ ତାର ସହିତ ଲାଗି ରହିଥିବା ଗଛ ଗୁଡିକୁ ବନ ବିଭାଗ ପକ୍ଷରୁ କାଟିବା ପାଇଁ ଏକ ଦାବିପତ୍ର ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କୁ ଗ୍ରାମବାସୀ ପ୍ରଦାନ କରିଛନ୍ତି। ଗ୍ରାମର ହିନ୍ଦୁ ନାଏକ, ଭଦ୍ରା ନାଏକ, ରାମ ସରଦାର, ପାଡ଼ିଆ ସରଦାର, ଲୁଥୁରାମ ନାଏକ, ରୂପରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## କଳାକାର ସଂଘ ଓ ଭିନ୍ନକ୍ଷମ ମଞ୍ଚର ବିଜେଡିକୁ ନିଃସର୍ତ୍ତ ସମର୍ଥନ ଘୋଷଣା

ଉଦଳା, ୨୨।୫(ସମିସ): କପ୍ତିପଦା ଉପଖଣ୍ଡରେ ଥିବା କଳାକାର, ଚିତ୍ରକର ଓ ଭିନ୍ନକ୍ଷମ ସଂଘ ଆଜି କୌଣସି ସର୍ତ୍ତ ନ ରଖି ବିଜୁ ଜନତା ଦଳକୁ ସମର୍ଥନ ଜଣାଇଛି। ନବୀନ ସରକାର କଳାକାର ଓ ଭିନ୍ନକ୍ଷମଙ୍କ ପାଇଁ ଭତ୍ତାଠାରୁ ଆରମ୍ଭ କରି ସମସ୍ତ ଯୋଜନା ଉପଲବ୍ଧ କରିଥିବା ବେଳେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା କହିଥିଲେ କଳାକାରମାନେ। ଆଜି ଉଦଳା ଟାଉନ କ୍ଲବ ପରିସରେ ଶତାଧିକ କଳାକାର ଓ ଭିନ୍ନକ୍ଷମ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇ ନବୀନ ବାବୁ ଓଡ଼ିଶାର ବିକାଶକୁ ନୂତନ ଦିଗଦର୍ଶନ ଦେଇଥିବା ବେଳେ ଗ୍ରାମାଞ୍ଚଳରେ କଳାକାରଙ୍କ ପାଇଁ ଭତ୍ତା ଓ ବିଭିନ୍ନ ସୁବିଧା ସୁଯୋଗ ସୃଷ୍ଟି କରିଛନ୍ତି। ତେଣୁ ଓଡ଼ିଶାର ଅସ୍ମିତା ତଥା ବିଜୁ ପଟ୍ଟନାୟକଙ୍କ ଅଦର୍ଶରେ ଗଢ଼ି ଉଠିଥିବା ବିଜେଡ଼ିକୁ ପୁଣି ଶାସନ ଭାର ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଏକସ୍ୱରରେ ସଂଘର



କର୍ମକର୍ତ୍ତାମାନେ କହିଥିଲେ। ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ବନିଥିବା ନବୀନ ବାବୁ ହିଁ ଓଡ଼ିଶାର ବିକାଶ କରି ପାରିବେ। ଏଣୁ ବିଜେଡ଼ିକୁ ସମର୍ଥନ କରିବେ ବୋଲି ଏହି ଦୁଇ ସଂଘ ଘୋଷଣା କରିଛି। ଦଳର ବରିଷ୍ଠ ନେତା ପୂର୍ବତନ ନଗରପାଳ ମନୋଜ ମହାନ୍ତିଙ୍କ ସଭପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଦ୍ୟୁମ୍ନ ଦାସ, ନରେନ୍ଦ୍ର ମହାକୁଡ଼, ଭଗବାନ ମହାପତ୍ର, ବେଣୁଧର ପରିଡ଼ା, ରାମରଞ୍ଜନ ଦାସ, କାର୍ତ୍ତିକ ସାହୁ, ଅଞ୍ଜନ ପସା, ଭାନୁମତୀ ନାୟକ, ଦିଲ୍ଲୀପ ନାୟକ, ରବିକାନ୍ତ ଲେଙ୍କା, ଛତିଶ ମଢେଇ, ଅଜିତ ମୁର୍ମୁ, ପୀତାମ୍ବର ଦାସ, ଶ୍ରୀରାମଚନ୍ଦ୍ର ଦାସ, ଦିଲ୍ଲୀପ ବଳିଆରସିଂ ସମେତ ବହୁ କଳାକାର ଓ ଭିନ୍ନକ୍ଷମ ଯୋଗ ଦେଇଥିଲେ।

## ଅବକାରୀ ଚଢ଼ଉ; ହଜାର ଲିଟର ପୋଚ ନଷ୍ଟ

ମୋରଡା, ୨୨।୫(ସମିସ): ନିର୍ବାଚନ ଏଥିପାଇଁ ଗାଁଗଣ୍ଡାରେ ଦେଶୀ ମଦ ଭାଟି ବେଆଇନ ଭାବେ ଖୋଲି ଅଳ୍ପ ମୂଲ୍ୟରେ ଲୋକମାନଙ୍କ ପାଖରେ ପହଞ୍ଚାଉଛନ୍ତି ମାଫିଆ। ତେବେ ମଦ ମାଫିଆଙ୍କୁ ସାବାଡ଼ କରିବା ପାଇଁ ଅବକାରୀ ବିଭାଗ ଏବେ ଆକ୍ସନ ମୋଡ଼ରେ। ଏହି କ୍ରମରେ ମଙ୍ଗଳବାର ମୋରଡା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇ ହଜାର ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୨୩୭ ଲିଟର ଦେଶୀ ମଦ ଜବତ କରିଛି। ସୂଚନା ଅନୁଯାୟୀ, ମୋରଡା ଅବକାରୀ ଅଧିକାରୀ ବ୍ରଜମୋହନ ମଲ୍ଲିକ, କର୍ମଚାରୀ ବିଜୟ କୁମାର ମହାନ୍ତ, ସୁରେନ୍ଦ୍ରନାଥ ତରେଇ, ଯଶୋବନ୍ତ ନାଏକ, ଲଲାଟେନ୍ଦୁ ଶତପଥୀ, ଦୀପାଞ୍ଜଳି ଦାସ ପ୍ରମୁଖ ଭାଲିଆଡିହା ପଞ୍ଚାୟତର ତାଡ଼କି ଗ୍ରାମରେ ଚଢଉ କରିଥିଲେ। ସେହିପରି ରାସଗୋବିନ୍ଦପୁର ବ୍ଲକର ଶୁବାନଡ଼ିହି ଓ ହରିଣାଶୋଳ ଗ୍ରାମର ଚଢ଼ଉ କରି ୧୮ ଓ ୧୯ ଲିଟର ମଦ ଜବତ କରିବା ସହିତ ରାଇମାତ ଟୁଡୁ ଏବଂ ଜଇରାମ ମୁର୍ମୁଙ୍କୁ ଗିରଫ କରାଯାଇଛି।

### ● ମୌଳିକ ସୁବିଧାରୁ ବଞ୍ଚିତ ଭୁଡୁରୁବଣୀ ଓ ଧିରିଚାଟି ଗ୍ରାମବାସୀ

## ରାସ୍ତା ନାହିଁ; ବିଲ ହିଡ଼ରେ ଯାତାୟାତ

କୁଆମରା, ୨୨।୫(ସମିସ): ସ୍ୱାଧୀନତା ପରେ ଆଜି ବି ଏଭଳି ଗାଁ ରହିଛି, ସେଠାକୁ ଯିବାଆସିବା କରିବା ନିମନ୍ତେ ରାସ୍ତା ନିର୍ମାଣ ହୋଇପାରିନାହିଁ। ଏ ନେଇ ଅଞ୍ଚଳବାସୀ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ଦିଗରେ କେହି ବି ଆନ୍ତରିକତା ଦେଖାଇ ନାହାଁନ୍ତି। ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଖୁଣ୍ଟା ବ୍ଲକ କରକଚିଆ ପଞ୍ଚାୟତ ଭୁଡୁରୁବଣୀ ଓ ଧିରିଚାଟି ଗ୍ରାମରେ। ଏହି ଦୁଇ ଗ୍ରାମରେ ୪୨ଟି ପରିବାର ବସବାସ କରୁଛନ୍ତି; ହେଲେ ଗାଁକୁ ରାସ୍ତା ନ ଥିବାରୁ ଲୋକେ ଚାଷ ଜମି ହିଡ ଦେଇ ଯିବାଆସିବା କରୁଛନ୍ତି। ଲୋକେ ଏକ କିମି ଦୂର ବଡମାମୁଡିଆ ଗ୍ରାମ ଦେଇ ମୁଖ୍ୟ ରାସ୍ତାକୁ ଯାଇଥାନ୍ତି। ବର୍ଷା ଦିନେ ସାଇକଲ କି ଚାଲିକରି ଯିବା ସମ୍ଭବ ନୁହେଁ। ଆଜି ପର୍ଯ୍ୟନ୍ତ ଗାଁକୁ ଚାରି ଚକିଆ ଯାନ ପଶିପାରିନାହିଁ। ଫଳରେ ଏହି ଦୁଇଗାଁର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଆସୁଛନ୍ତି। ଗ୍ରାମର ଛୋଟ ଛୋଟ ପିଲାମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ପାଇଁ ମଧ୍ୟ ଏହା ଏକମାତ୍ର ରାସ୍ତା। ବର୍ଷା ଦିନେ ରାସ୍ତାର ଅବସ୍ଥା ନ କହିବା ଭଲ। ଗତ ବର୍ଷ ଆମ୍ବୁଲାନ୍ସ ନିକଟକୁ ଖଟିଆରେ ଜଣେ ରୋଗୀଙ୍କୁ ବୁହା ହୋଇ ନିଆଯାଇଥିଲା। ତଥାପି ଆଜିଯାଏ ପ୍ରଶାସନର ଚେତା ପଶିନାହିଁ। ରାସ୍ତା ପାଇଁ ଦୀର୍ଘ ଦିନ



ଧରି ଦାବି କରି ଆସୁଛନ୍ତି ଏହି ଦୁଇ ଗ୍ରାମର ଲୋକେ। ନିର୍ବାଚନ ସମୟରେ ବିଭିନ୍ନ ଦଳର ରାଜନେତା କେବଳ ପ୍ରତିଶ୍ରୁତି ଦେଇ ଭୋଟ ହାସଲ କରି ଆସୁଛନ୍ତି। ମାତ୍ର ନିର୍ବାଚନ ସରିଗଲେ କାହାର ବି ଦେଖାମିଳୁନାହିଁ ବୋଲି କ୍ଷୋଭର ସହ କହିଛନ୍ତି ଗ୍ରାମର ମାନସିଂ ମୁର୍ମୁ, ମାସଂଗ ବାସ୍କେ, ଶ୍ୟାମ ସୁନ୍ଦର ସିଂ, ରୁହିଆ ସିଂ, ଲୋଧରୋହ ମୁର୍ମୁ। ଏ ନେଇ ସରପଞ୍ଚ ନମିତା ଟୁଡୁଙ୍କୁ ପଚାରିବାରୁ ନିର୍ବାଚନ ଶେଷ ହେବା ପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

## 'ଦୁର୍ଯ୍ୟୋ-ସରସ୍ୱତୀ' ସାଂସ୍କୃତିକ ପରିଷଦ କାର୍ଯ୍ୟାଳୟ ଉଦ୍‌ଘାଟିତ



ବାରିପଦା, ୨୨।୫(ସମିସ): ବାରିପଦା ପୌର ପରିଷଦ ଅନ୍ତର୍ଗତ ୧୭ ନଂ. ୱାର୍ଡର ବଳରାମପୁରଠାରେ 'ଦୁର୍ଯ୍ୟୋ-ସରସ୍ୱତୀ' ସାଂସ୍କୃତିକ ପରିଷଦର ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ କ୍ଷିରୋଦ କୁମାର ସିଟ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ରାସବିହାରୀ ସିଟ ଓ ସୁମତିରାଣୀ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ମହାନ୍ତି, ବରେନ୍ଦ୍ର କୁମାର ମହାନ୍ତି, ଗଦାଧର ବେହେରା ଓ ଅନ୍ନଦା ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି କୁନିକୁନି ପିଲା ତଥା ଆଜିର ଯୁବପିଢିଙ୍କୁ ଓଡ଼ିଶାର ଲୋକକଳା ସହିତ ପରିଚିତ କରାଇବା ଏବଂ ନିଜ ମାତୃଭାଷା, ନିଜ ସଂସ୍କୃତିର ପ୍ରଚାର ପ୍ରସାର କିପରି ହୋଇପାରିବ ତାର ପ୍ରୟାସ କରିବା ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ସଂସ୍ଥାର ପ୍ରତିଷ୍ଠାତା ଶ୍ରୀ ସିଟଙ୍କ ରଚିତ ୬ଟି ନାଟ୍ୟ ପୁସ୍ତକ ଲୋକାର୍ପିତ ହୋଇସାରିଛି।

## ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କ ତାଲିମ ଶେଷ

କରଞ୍ଜିଆ, ୨୨।୫(ସମିସ): କରଞ୍ଜିଆ (ସଂ) ନିର୍ବାଚନମଣ୍ଡଳୀ ପାଇଁ ୩ ଦିନ ଧରି ଚାଲିଥିବା ନିଯୁକ୍ତ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କ ନିର୍ବାଚନୀ ତାଲିମ ମଙ୍ଗଳବାର ଶେଷ ହୋଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନମଣ୍ଡଳୀର ୨୪୨ଟି ବୁଥ ପାଇଁ ନିଯୁକ୍ତ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ଭୋଟଦାନ ପ୍ରକ୍ରିୟା ଏବଂ ତତସଂକ୍ରାନ୍ତୀୟ ନିୟମାବଳୀ ଉପରେ ତାଲିମ ଦିଆଯାଇଥିଲା। କରଞ୍ଜିଆ ଏନଏସି ଓ ବ୍ଲକର ୧୦୪ ବୁଥ ଏବଂ ଠାକୁରମୁଣ୍ଡା ଓ କପ୍ତିପଦା ବ୍ଲକର ୧୩୮ ଟି ବୁଥ ପାଇଁ ନିଯୁକ୍ତ ୧୬୧୪ ଅଧିକାରୀଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଥିଲା। କରଞ୍ଜିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ଏନଏସି, ଏବଂ କରଞ୍ଜିଆ ବ୍ଲକର ସମ୍ମିଳନୀ କକ୍ଷରେ ତାଲିମ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ କରଞ୍ଜିଆ ତହସିଲଦାର ବିଦ୍ୟାଧର ପତି, ଅତିରିକ୍ତ ତାହସିଲଦାର ନିତ୍ୟାନନ୍ଦ ସେଠୀ, ଠାକୁରମୁଣ୍ଡା ତହସିଲଦାର ସୁଶ୍ରୀ ସୁପ୍ରିୟା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକ, କରଞ୍ଜିଆ ବିଡ଼ିଓ ସୁଶାନ୍ତ ସୁତାର, ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବେନ୍ଦ୍ର ସାମଲ, ଦେବାଶିଷ ସାହୁ ଏବଂ ରଶ୍ମିତା ଜେନା ଯୋଗଦେଇଥିଲେ।

### ହାଣ୍ଡିଆ ଭାଟିର ଆଡ୍ଡାସ୍ଥଳ ଭେଣ୍ଡିଂ ଜୋନ

# ବେକାର ଯୁବକ ଯୁବତୀଙ୍କ ଭାଗ୍ୟ ସହ ଖେଳୁଛି ପୌରପାଳିକା

କରଞ୍ଜିଆ, ୨୨।୫(ସମିସ): ଆଦିବାସୀ ଅଧ୍ୟୁଷିତ କରଞ୍ଜିଆରେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ୍ ଏବେ ନିଶାଡିଙ୍କ ଆଡ୍ଡାସ୍ଥଳ ପାଲଟିଛି। ଦିନକୁ ଦିନ ପୌର ପରିଷଦର ବେକାର ସମସ୍ୟା ଜଟିଳ ହେବାରେ ଲାଗିଛି। ପାଠପଢ଼ା ସାରି ପିଲାମାନେ ଚାକିରି ନ ପାଇ ବେକାର ହୋଇ ବସିଛନ୍ତି। କିଛି ଯୁବକ ଦାଦନ ଖଟିବାକୁ ମଧ୍ୟ ବାହାରକୁ ଯାଉଛନ୍ତି। ଛୋଟ ମୋଟ ଦେକାନ କି ବ୍ୟବସାୟ କରିବାକୁ ସକ୍ଷମ ହେଉ ନାହାନ୍ତି। ଅନେକ ଛୋଟ ଦୋକାନୀ ଘର ଭଡା ଦେଇପାରୁନାହାନ୍ତି। ଫଳରେ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଛନ୍ତି। ବହୁ ସମୟରେ ପ୍ରଶାସନ ମାନବିକତା ହରାଇ ରାସ୍ତା ପାର୍ଶ୍ୱରୁ ଗରିବ ଖଟିଖିଆ ଦୋକାନୀଙ୍କୁ ହଟାଇ ଦେଉଛନ୍ତି। ଫଳରେ ବହୁ ଦୋକାନୀ କ୍ଷତିଗ୍ରସ୍ତ ହୋଇଥାନ୍ତି। ତେଣୁ ଏହିସବୁ ଦୋକାନୀଙ୍କୁ ଥଇଥାନ ନିମନ୍ତେ ଗତ ୫ ବର୍ଷ ତଳେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭେଣ୍ଡିଂ ଜୋନ କରାଯାଇଥିଲା। ଉଦ୍ଦେଶ୍ୟ



ଥିଲା ଦୋକାନୀମାନେ ଥଇଥାନ ହେବା ସହିତ ସ୍ଥାନୀୟ ବେକାର ଯୁବକ ଯୁବତୀ ଉପକୃତ ହେବେ। ହେଲେ କ୍ୟାବିନଗୁଡିକୁ ବେକାର ଯୁବକଙ୍କୁ ନ ଦେଇ ଦୀର୍ଘଦିନ ହେବ ପକାଇ ରଖାଗଲା। ପରେ ଷ୍ଟାଡିୟମ ପଛପଟ ଶ୍ମଶାନ ଜମି ଉପରେ ନିର୍ମିତ ବସଷ୍ଟାଣ୍ଡ ନିକଟରେ କ୍ୟାବିନଗୁଡିକୁ ନେଇ ରଖାଗଲା; ହେଲେ ଏବେ ସୁଦ୍ଧା ଗୋଟିଏ ବି କ୍ୟାବିନ କାହାକୁ ଦିଆଯାଇନାହିଁ। ଫଳରେ ବହୁ କ୍ୟାବିନ ଭାଙ୍ଗିରୁଜି ଗଲାଣି, କିଛି କବାଡିବାଲା କ୍ୟାବିନର ଟିଣ ନେଇ ଗଲେଣି। କିଛି କଳଙ୍କି ଲାଗି ନଷ୍ଟ ହୋଇଛି। ଏବେ ଏହି ଭେଣ୍ଡିଂ ଜୋନ ହାଣ୍ଡିଆ ଭାଟିର ହବ ପାଲଟିଛି। ହାଣ୍ଡିଆ ସହିତ ଅବାଧରେ ମଦ ଓ ଗଞ୍ଜେଇ କାରବାର ମଧ୍ୟ ହେଉଛି। ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳ ହୋଇଥିବାରୁ ଅନେକ ସମୟରେ ଗଣ୍ଡଗୋଳ ଘଟିଥିବା ମଧ୍ୟ ନଜିର ରହିଛି। ସେହିପରି କରଞ୍ଜିଆ ଡେଲି ମାର୍କେଟର ପରିବା ଦୋକାନ ନିର୍ମାଣ ମଧ୍ୟ ପ୍ରହସନ ପାଲଟିଛି। ପରିବା ଦୋକାନୀଙ୍କୁ ଥଇଥାନ ପାଇଁ ଲକ୍ଷାଧିକ ଟଙ୍କାରେ ଦୋକାନ ଗୃହ ନିର୍ମାଣ କରାଯାଇଛି; କିନ୍ତୁ ପ୍ରଶାସନ ପରିବା ଦୋକାନୀଙ୍କୁ ସେଠାକୁ ନେବାରେ ବିଫଳ ହୋଇଛି। ପୁଣି ପରିବା ଦୋକାନୀମାନେ ରାସ୍ତା କଡରେ ବସୁଛନ୍ତି। ଏହି ସମସ୍ୟା ଏବେ ସହରରେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଘଟଣାର ତଦନ୍ତ ଦାବି କରିଛନ୍ତି ସହରବାସୀ।

ସକାଳ THE SAKALA
ଉତ୍ତର ଓଡ଼ିଶା
www.sakalaepaper.com

# ହାଟପିଣ୍ଡା ନିର୍ମାଣ ନେଇ ଅସନ୍ତୋଷ; ଗ୍ରାମବାସୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ରାଇରଙ୍ଗପୁର, ୨୨।୫(ସମିସ):** ଜାମଦା ବ୍ଲକ ବହଳଦା ଥାନା ବଡଦୁନ୍ଦୁ ପଞ୍ଚାୟତର ସାନଦୁନ୍ଦୁ ଗ୍ରାମବାସୀ ସେମାନଙ୍କ ଗାଁର ସମସ୍ୟା ନେଇ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି ବିଭିନ୍ନ ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ବଡଦୁନ୍ଦୁ ଗ୍ରାମ ପଞ୍ଚାୟତ ଅଞ୍ଚଳର ସାନଦୁନ୍ଦୁ ମୌଜାରେ ହାଟପିଣ୍ଡା ନିର୍ମାଣ କରାଯାଉଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହି କାର୍ଯ୍ୟ ସାନଦୁନ୍ଦୁ ମୌଜାର ନୁହେଁ। ଆଗାମୀ ଦିନରେ ସରକାରୀ ଉନ୍ନତିମୂଳକ କାର୍ଯ୍ୟ ଆସିଲେ, ସେମାନଙ୍କ ମୌଜାରେ ଜାଗା ନ ଥିଲେ ଗ୍ରାମବାସୀ କିଛି ଉନ୍ନତିମୂଳକ କାର୍ଯ୍ୟ କରିପାରିବେ ନାହିଁ ବୋଲି କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି, ଗ୍ରାମବାସୀ ଦୃଢ ନିଷ୍ପତ୍ତି ନେଇଛନ୍ତି ଯେ, ଭବିଷ୍ୟତରେ ସେହି ଜାଗାରେ ଗୋଟିଏ ସରକାରୀ ସ୍କୁଲ ଏବଂ ଯେ କୌଣସି ସରକାରୀ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଉପଯୋଗ କରାଯାଉ। ଏ ସଂକ୍ରାନ୍ତରେ ଗ୍ରାମବାସୀ ମଧ୍ୟ ଜାମଦା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଥିଲେ। ସାନଦୁନ୍ଦୁ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଅଲଗା ମୌଜାର କାମ କିପରି ତାଙ୍କ ଗାଁରେ ହେଉଛି, ତାହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଉକ୍ତ ସମସ୍ୟାର ବିହିତ ପଦକ୍ଷେପ ନେବା ନିମନ୍ତେ ବୁଧବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସାନଦୁନ୍ଦୁର ଗ୍ରାମବାସୀ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ବିକ୍ରମ ସର୍ଦ୍ଦାର, ଲକ୍ଷ୍ମଣ କିସ୍କୁ, ଦୁର୍ଗା କିସ୍କୁ, ମହେନ୍ଦ୍ର ନାଏକ, ଛୋଟରାୟ ହେମ୍ବ୍ରମ, ଦାସମାତ ହେମ୍ବ୍ରମ, ମେଘରାୟ ମୁର୍ମୁ, ଦୀପକ ସର୍ଦ୍ଦାର, ମତିଲାଲ ସର୍ଦ୍ଦାର, ଦୁଖୁ ମୁର୍ମୁ, ରାଉତ ସର୍ଦ୍ଦାର, ଲଛୁ ହେମ୍ବ୍ରମ, ଜୁଝାର ହାଁସଦା, ମୋହନ ହେମ୍ବ୍ରମ, ରାମଚନ୍ଦ୍ର ହେମ୍ବ୍ରମ, ଆକାଶ ମୁର୍ମୁ, ରାମଚନ୍ଦ୍ର ମୁର୍ମୁ, ସୁନାରାମ ହେମ୍ବ୍ରମ, କରୁଣାକର ସର୍ଦ୍ଦାର ଓ ଗୁରୁପ୍ରସାଦ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ।



---

**Format C-1**

**(for candidate to publish in Newspapers, TV)**

**Declaration about criminal cases**

(As per the judgment dated 25 September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate: **- Srinath Soren,** S/o - Late Rupay Soren, Age 52 years, resident of Angarpada, P.O.- Nayarangamatia, P.S.- Udala, Dist. - Mayurbhanj, Pin - 757041, Odisha

Name of political party: **BIU JANATA DAL (BJD)**

(Independent candidates should write "Independent" here)

Name of Election: **Simultaneous General Election to Odisha Legislative Assembly- 2024**

*Name of Constituency: **31 Udala (ST), Legislative Assembly Constituency, Odisha**

I **SRINATH SOREN** (name of candidate), a candidate for the above mentioned election; declare for public information the following details about my criminal antecedents:

**(A) Pending criminal cases**

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 01 | SESSIONS AND SPECIAL JUDGE (ADDITIONAL DISTRICT JUDGE) | KAPTIPADA P.S. CASE NO.- 105/2012 OF DT.19.11.2012 G.R. CASE NO.- 339/2012. | PENDING FOR CHARGE | 147- PUNISHMENT FOR RIOTING, 148-RIOTING ARMS WITH DEADLY WEAPONS, 341- WRONGFUL RESRAINT, 323- VOLUNTARILY CAUSING HURT, 294- OBSCENE ACTS AND SONGS, 506-CRIMINAL INTIMIDATION, 149- EVERY MEMBER OF UNLAWFUL ASSEMBLY GUILTY OF OFFENCE COMMITTED IN PROSECUTION OF COMMON OBJECT. |

**(B) Details about cases of conviction for criminal offences**

| SL. NO. | Name of Court & date(s) of order(s) | Description of office(s) & punishment imposed | Maximum Punishment Imposed |
|---|---|---|---|
| 1 | **NIL** | **NIL** | **NIL** |

*In the case of election to Council of States or election to Legislative Council by MLAS, mention the election concerned in place of name of constituency.

**Sd/- SRINATH SOREN**

---

**Format C-1**

**(for candidate to publish in Newspapers, TV)**

**Declaration about criminal cases**

(As per the judgment dated 25 September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate: **SANANDA MARNDI,** S/o- Gangadhar Marndi, Aged 53 years, At- W.N.24, Palbani, Baripada, Dist.- Mayurbhanj (Odisha)

Name of political party: BIU JANATA DAL (BJD)

(Independent candidates should write "Independent" here)

Name of Election: GENERAL ELECTION - 2024

*Name of Constituency: 33 BARIPADA (ST) ODISHA

I **SANANDA MARNDI** (name of candidate), a candidate for the above mentioned election; declare for public information the following details about my criminal antecedents:

**(A) Pending criminal cases**

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 01 | SDJM Baripada | GR No- 569/2005 Dt.17/03/2011 | PENDING | U/S 143,448,294, 353, 506, 149 IPC |
| 02 | SDJM Baripada | GR No- 1065/1998 Dt.03/02/1999 | PENDING | U/S 147,148,149,324,427 IPC |

**(B) Details about cases of conviction for criminal offences – NOT APPLICABLE**

| | Name of Court & date(s) of order(s) | Description of office(s) & punishment imposed | Maximum Punishment Imposed |
|---|---|---|---|
| 1 | **NOT APPLICABLE** | **NOT APPLICABLE** | **NOT APPLICABLE** |

*In the case of election to Council of States or election to Legislative Council by MLAS, mention the election concerned in place of name of constituency.

**Sd/- SANANDA MARNDI**

---

**Format C-1**

*(for candidate to publish in Newspapers, TV)*

Declaration about criminal cases

(As per the judgment dated 25th September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate: **Sudam Marndi, s/o- Laxman charan Marndi, at- Ward No-17, Bijayramchandrapur, po/ps- Bhanjpur, District- Mayurbhanj.**

Name of political party: **BIJU JANATA DAL**

*(Independent candidates should write "Independent" here)*

Name of Election: **Election to the LOK SABHA, 2024.**

*Name of Constituency: **5- Mayurbhanj (ST) P.C.**

I, **Sudam Marndi** (name of candidate), a candidate for the above mentioned election, declare for public information the following details about my criminal antecedents:

**(A) Pending criminal cases**

| SL. No. | Name of Court | Case No and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | J M F C-1 (Cog- Taking) at Baripada. | G R No- 1618/12, Dt- 23-11-2012. | Charge not framed as other accused persons are yet to appear. | u/s.147/148/452/294/506/ 427/379/149 of IPC & sec. 25/27 Arms Act. The case has been registered for unlawful assembly, house trespass after preparation for hurt, absence act, criminal intimidation, mischief causing damage to the amount of rupees fifty, punishment for theft along with testing and possession of arms. |
| 2 | J M F C-1 (Cog- Taking) at Baripada. | G R No- 1616/12, Dt- 23-11-2012. | Charge not framed as other accused persons are yet to appear. | u/s. 395 of IPC & sec. 25/27 Arms Act. The case has been registered for dacoity along with testing and possession of arms. |
| 3 | J M F C-1 (Cog- Taking) at Baripada. | G R No- 1613/12, Dt- 23-11-2012. | Charge not framed as other accused persons are yet to appear. | u/s.143/147/148/452/506/427//149 of IPC & r/w 5/27 Arms Act. The case has been registered for unlawful assembly, house trespass after preparation for hurt, absence act, criminal intimidation, mischief causing damage to the amount of rupees fifty, punishment for theft along with testing and possession of arms. |
| 4 | J M F C-1 (Cog- Taking) at Baripada. | G R No- 513/11, Dt- 09-12-2011 | Hearing | u/s.143/153/504/506/149 of IPC & r/w -7 Cr.L.A. Act /32 Police Act/5 of Odisha Fireworks & Loud Speaker Registration Act. The case has been registered for unlawful assembly, and causes any person to prejudice of employment or business, intention insult with intent to provoke breach of peace, illegal use of loud speaker. |
| 5 | J M F C-1 (Cog- Taking) at Baripada | 2 ( C) C C NO- 27/11 Dt. 03-09-2011 | Hearing | u/s. 145/147/174(1) of Railway Act. The case has been registered for picketing during rail rook or bandh, nuisance and trespass and refusal to desert from trespass. |
| 6 | J M F C-1 (Cog- Taking) at Baripada | G R No- 748/11, Dt- 07-07-2011 | Charge not framed as other accused persons yet to appear. | u/s. 143/317/148/294/506 of IPC. The case has been registered for picketing during bandh, nuisance and trespass and refusal to desert from trespass, abusing in filthy language and criminal intimidation. |
| 7 | S D J M, Balasore | C.T No- 1602/11 Dt. Not known. | Hearing | u/s. 143/341/149/174 of Railway Act. The case has been registered for picketing during rail rook or bandh, nuisance and trespass and refusal to desert from trespass. |
| 8 | J M F C-1 (Cog- Taking) at Baripada | G R No- 366/11, Dt- 11-04-2011 | Charge not framed as other accused persons yet to appear. | u/s. 143/341/149/283 of IPC The case has been registered for wrongful restraint, obstructing public way and unlawful assembly. |
| 9 | J M F C-1 (Cog- Taking) at Baripada | G R No- 1062/02, Dt- 08-11-2002 | Hearing | u/s. 341/323/294/379/506/34 of IPC.The case has been registered for wrongful restraint, punishment for voluntarily causing hurt, theft and criminal intimidation. |
| 10 | S D J M, Baripada. | G R No- 167/92, Dt- 10-02-1992 | Waiting for original case record. | u/s. 147/148/336/427/506/109/149 of IPC .The case has been registered for unlawful assembly, house trespass after preparation for hurt, criminal intimidation, mischief causing damage to the amount of rupees fifty and act endangering safety of others. |
| 11 | S D J M, Baripada. | G R No- 166/92, Dt- 10-02-1992 | Waiting for original case record. | u/s. 147/148/427/506/379/149 of IPC & 7 Cr. L.A.Act. The case has been registered for unlawful assembly, house trespass after preparation for hurt, criminal intimidation, mischief causing damage to the amount of rupees fifty, punishment for theft and cause any person to prejudice of employment or business. |
| 12 | S D J M, Baripada. | G R No- 1058/91, Dt- 03-12-1991 | Hearing | u/s- 143/506/149 IPC & 7 Cr. L.A.Act. The case has been registered for unlawful assembly, criminal intimidation and cause any person to prejudice of employment or business. |
| 13 | J M F C-1 (Cog-Taking), Baripada. | G R No- 1032/ 91 (A). Dt. 22- 11-1991 | Hearing | u/s- 148/143/505/149 IPC. The case has been registered for unlawful assembly, rioting armed with deadly weapon and criminal intimidation |

**(B) Details about cases of conviction for criminal offences – NOT APPLICABLE**

| | Name of Court & date(s) of order(s) | Description of office(s) & punishment imposed | Maximum Punishment Imposed |
|---|---|---|---|
| 1 | **NOT APPLICABLE** | **NOT APPLICABLE** | **NOT APPLICABLE** |

*In the case of election to Council of States or election to Legislative Council by MLAS, mention the election concerned in place of name of constituency.

**Sd/- Sudam Marndi**

## କେନ୍ଦ୍ରୀୟ ସୁରକ୍ଷା ବାହିନୀର ଫ୍ଲାଗ୍‌ମାର୍ଚ୍ଚ



**କେନ୍ଦୁଝର,୨୨।୫(ସମିସ):** ବୁଧବାର ସନ୍ଧ୍ୟାରେ କେନ୍ଦୁଝର ସହରରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ସିଏପିଏଫର ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଛି । ସୁରକ୍ଷା ବାହିନୀ ସହିତ କେନ୍ଦୁଝର ଟାଉନ ଥାନର ପୁଲିସ ଅଧିକାରୀମାନେ ସାମିଲ ଥିଲେ। ଆଗାମୀ ୨୫ ତାରିଖରେକେନ୍ଦୁଝରରେଭୋଟଗ୍ରହଣତାରିଖଥିବାବେଳେମତଦାନଶାନ୍ତିଶୃଙ୍ଖଳାର ସହିତ ସମାପନ ନିମନ୍ତେ ଏହି ଫ୍ଲାଗମାର୍ଚ୍ଚ ହୋଇଛି । ପୁଲିସ ବାହିନୀ କେନ୍ଦୁଝର ସହର ସାରା ବୁଲିଛନ୍ତି। ପ୍ରସାଶନ ପକ୍ଷରୁ ଅନେକ ଦିନ ହେବ ବିଭିନ୍ନ ସ୍ଥାନରେ ନାକବନ୍ଦୀ କରି ବ୍ୟାପକ ମଦ ଜବତ କରାଯାଇଥିବାବେଳେ କିଛି ସ୍ଥାନରେ ଟଙ୍କା ମଧ୍ୟ ଜବତ ହୋଇଛି। ନିର୍ବାଚନ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇସାରିଥିବା ସୂଚନା ମିଳିଛି।

## ଶାମୁକାନାଣ୍ଡିରେ ଶକ୍ତି ପ୍ରଦର୍ଶନ କଲା ବିଜେଡି



ଆନନ୍ଦପୁର,୨୨।୫(ସମିସ): ଘଷିପୁରା ନିର୍ବାଚନମଣ୍ଡଳୀ ପଞ୍ଚାୟତସ୍ତରୀୟ ବାଇକ୍ ଶୋଭାଯାତ୍ରାରେ ଶକ୍ତି ପ୍ରଦର୍ଶନ କରିଛି ବିଜେଡି । ସାମୁକନାଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ବଦ୍ରୀ ବାବୁ ଜିନ୍ଦା ବାଦ, ଶଙ୍ଖ ଚିହ୍ନ ଜିନ୍ଦା ବାଦରେ ପ୍ରକମ୍ପିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତାହାର ଘୋଷଣା ପରେ ବିଜୁ ଜନତା ଦଳର କର୍ମୀମାନଙ୍କ ମନରେ ଉତ୍ସାହ ବଢ଼ି ଯାଇଛି। ଘଷିପୁରାରେ ହୋଇଥିବା ବିକାଶକୁ ନେଇ ପ୍ରଚାର ଜୋର ହୋଇଛି। ଶଙ୍ଖ ଚିହ୍ନରେ ଭୋଟ ଦେଇ ବିକାଶ ରଥକୁ ଆଗେଇ ନେବାକୁ ଆଦିବାସୀ ପଞ୍ଚାୟତବାସୀଙ୍କୁ ଅବଗତ କରାଇଛନ୍ତି । ପଞ୍ଚାୟତ ସଭାପତି ରାତୁ କିସ୍କୁ ଓ ଅନ୍ୟ ନେତୃମଣ୍ଡଳୀ ଅକ୍ଷୟ ଜେନା, ଜିତେନ୍ଦ୍ର ହେମ୍ବ୍ରମ, ଗୋବିନ୍ଦ ପାତ୍ର, ଦୁର୍ଯ୍ୟୋଧନ ଚତାର, ତ୍ରିଲୋଚନ ବୋଇତେଇ, ରାଜୀବ ପଲେଇ ନେତୃତ୍ୱରେ ସହ ସହ ବାଇକ୍ ରାଲି ସହ ପ୍ରଚାର ହୋଇଥିଲା ।

## ବିଜେପି ପ୍ରାର୍ଥୀଙ୍କ ପାଇଁ ଅରୁଣ ଗୋଭିଲଙ୍କ ପ୍ରଚାର



**ଚମ୍ପୁଆ/ତେଲକୋଇ,୨୨।୫(ସମିସ):** ସ୍ଥାନୀୟ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ବିଜେପିର ସମାବେଶରେ ଚର୍ଚ୍ଚିତ ରାମାୟଣ ସିରିଏଲର ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରିଥିବା ଅରୁଣ ଗୋଭିଲ ବିଜେପିର ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ନିର୍ବାଚନୀ ସଭାପରେ ଶ୍ରୀ ଗୋଭିଲ ସ୍ଥାନିୟ ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି ସମାବେଶରେ ଭାଜପା ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ, ବିଧାୟକ ପ୍ରାର୍ଥୀ ଡା. ମୁରଲି ମୋନହର ଶର୍ମା ସମେତ ବହୁ ନେତୃବୃନ୍ଦ ଯୋଗଦେଇଥିଲେ।

# ଚମ୍ପୁଆରେ ସନାତନ ମହାକୁଡ଼ଙ୍କ ଦମ୍‌ଦାର ପ୍ରଚାର

ଚମ୍ପୁଆ,୨୨।୫(ସମିସ)



ଆଉମାତ୍ର କେତେଟା ଦିନ ପରେ ହେବାକୁ ଯାଉଛି ସାଧାରଣ ନିର୍ବାଚନ। ଏଥିପାଇଁ ଚାରିଆଡ଼େ ନିର୍ବାଚନୀ ଉଷ୍ମତା। ଚମ୍ପୁଆ ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଯେତିକି ବଢୁଛି ପ୍ରାର୍ଥୀମାନଙ୍କ ପ୍ରଚାର ସେତିକି ଜୋରରେ ଚାଲିଛି। ଚଳିତ ନିର୍ବାଚନରେ ମଇଦାନରେ ଓହ୍ଲାଇଥିବା ୩ ପ୍ରମୁଖ ଦଳର ପ୍ରାର୍ଥୀ ନିଜ ପ୍ରଚାରକୁ ଜୋର କରିବା ସହ ବିଭିନ୍ନ ପଞ୍ଚାୟତରେ ଦମଦାର ପ୍ରଚାର ଜାରି ରଖିଛନ୍ତି । କେଉଁଠି ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ଦଳର ଦାୟିତ୍ୱ ବୋଧତାକୁ ନେଇ ପ୍ରଚାର କରୁଥିବା ବେଳେ କେଉଁଠି କର୍ମୀମାନଙ୍କୁ ନେଇ ଗୁରୁମନ୍ତ୍ର ପ୍ରଦାନ କରୁଛନ୍ତି । ଚମ୍ପୁଆରେ ରାଜନୈତିକ ସରଗରମ ହୋଇଉଠୁଥିବା ବେଳେ ପ୍ରାର୍ଥୀମାନେ ଭୋଟର ପାଖରେ ପହଞ୍ଚିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ଚମ୍ପୁଆ ବିଜେଡିର ପ୍ରାର୍ଥୀ ତଥା ହେଭିୱେଟ ନେତା ସନାତନ ମହାକୁଡ ଦମଦାର ପ୍ରଚାର କରୁଛନ୍ତି। ଚମ୍ପୁଆ ନିର୍ବାଚନମଣ୍ଡଳୀର ପ୍ରତି ଗାଁ, ଗାଁ ଗ୍ରାମରେ ଦମଦାର ପ୍ରଚାର କରିଥିବା ବେଳେ ହଜାର ହଜାର ସମର୍ଥକ ଗ୍ରହଣରେ ଶ୍ରୀ ମହାକୁଡ଼ ଏହି ପ୍ରଚାର ଜାରି ରଖିବା ସହିତ ବିଜେଡିର ଆଭିମୁଖ୍ୟ ଓ ଜନ ଉନ୍ନତି ସଂପର୍କିତ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଚାର ଆଧାର କରିଛନ୍ତି। ଅନ୍ୟପକ୍ଷରେ କିଛିଦିନ ଧରି ଲାଗି ରହିଥିବା ଶ୍ରୀ ମହାକୁଡ଼ ତାଙ୍କର ଏହି ପ୍ରଚାର ଜନସାଧାରଣ ହାତ ହଲାଇ ସ୍ୱାଗତ ଜଣାଇଛନ୍ତି। ଦମଦାର ପ୍ରଚାର କରିଥିବା ବେଳେ ହଜାର ହଜାର ସମର୍ଥକ ଗ୍ରହଣରେ ଶ୍ରୀ ମହାକୁଡ଼ ଏହି ପ୍ରଚାର ଜାରି ରଖିବା ସହିତ ବିଜେଡିର ଆଭିମୁଖ୍ୟ ଓ ଜନ ଉନ୍ନତି ସଂପର୍କିତ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଚାର ଆଧାର କରିବା ସହ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ସାଂସଦ ଚନ୍ଦ୍ରାଣି ମୁର୍ମୁ, କେନ୍ଦୁଝର ଜିଲ୍ଲା ମହିଳା ସଭାନେତ୍ରୀ ରମଣି ନାୟକ, ଚମ୍ପୁଆ ଏନଏସି ଅଧକ୍ଷ ଗିରିଜା ଶଙ୍କର ସାହୁ ପ୍ରମୁଖ ବିଜେଡିର ବହୁ କର୍ମୀ ଦମଦାର ପ୍ରଚାରରେ ଉପସ୍ଥିତ ଥିଲେ।

## ବୁଢ଼ୀକୁଦରେ ବିଜେଡିର ମିଶ୍ରଣ ପର୍ବ ଓ ମାରାଥନ୍ ପ୍ରଚାର



ଆନନ୍ଦପୁର,୨୨।୫(ସମିସ)

ଘସିପୁରା ନିର୍ବାଚନମଣ୍ଡଳୀର ବୁଢ଼ୀକୁଦ ପଞ୍ଚାୟତରେ ବିଜୁ ଜନତା ଦଳର ମିଶ୍ରଣ ପର୍ବ ଓ ମାରାଥନ୍ ପ୍ରଚାର ନିର୍ବାଚନୀ ମାହୋଲକୁ ଜୋରଦାର କରିଛି। ବିଜେଡି ଯୁବନେତା ରବିନ୍ଦ୍ର କୁମାର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ମିଶ୍ରଣ ପର୍ବରେ ବିଧାୟକ ବଦ୍ରି ନାରାୟଣ ପାତ୍ର ଯୋଗଦେଇ ବୁଢ଼ୀକୁଦ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସି ସାମିଲ ହୋଇଥିବା ଯୁବକମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ଶ୍ରୀ ପାତ୍ରଙ୍କ ସାଂଗଠନିକ ଦକ୍ଷତା ଉପରେ ଆସ୍ଥା ପ୍ରକଟ କରି ପୂର୍ବରୁ ବୁଢ଼ୀକୁଦ ପଞ୍ଚାୟତର ସାଂଗଠନିକ ନେତୃତ୍ୱ ନେଉଥିବା ଲକ୍ଷ୍ମୀଧର ମଢେଇ, ଜାପାନୀ ନାଇକ, ସୁଶାନ୍ତ ନାଇକ, ବନୋଜ ନାଇକ, ଅଞ୍ଜନ ନାଇକ, କବିନ୍ଦ୍ର ନାଇକ, ରବିନ୍ଦ୍ର ନାଇକ, ସୁରେଶ ନାଇକ, ମୁନା ନାଇକ, ଅଭିମନ୍ୟୁ ମଢେଇ, ଦିଲୀପ କୁମାର ନାଇକ, ପନଚାନନ ନାଇକ, ଆନନ୍ଦ ନାଇକ, ପ୍ରଦୀପ ନାଇକ, ରମାକାନ୍ତ ନାଇକ, ଘନଶ୍ୟାମ ନାଇକ, ସୁଶାନ୍ତ ଦେହୁରୀ, ଦୁର୍ଯ୍ୟୋଧନ ନାଇକ, ହରିଆ ନାଇକ, ଦିଲୀପ ନାଇକ, ଚକ୍ରଧର ମୁଣ୍ଡା, ପ୍ରଧାନ ମୁଣ୍ଡା, ମୋଟରେ ମୁଣ୍ଡା, ଜିତେନ ମୁଣ୍ଡା ଆଜିର ଏହି ମିଶ୍ରଣପର୍ବରେ ଯୋଗଦେଇ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଥିବା ଘୋଷଣା କରିଥିଲେ। ପରେ ଏକ ବାଇକ୍ ଶୋଭାଯାତ୍ରାରେ ମାରାଥନ ପ୍ରଚାର କରାଯାଇଥିଲା। ପୂର୍ବାହ୍ନ ୧୦ ଘଟିକା ଗ୍ରାମଦେବତୀଙ୍କ ପୀଠରେ ବିଜୁ ଜନତା ଦଳ ଘସିପୁରା ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର ପୂଜାର୍ଚ୍ଚନା କରିବା ପରେ ଦଳୀୟ ପତାକା ଦେଖାଇ ଏହି ବାଇକ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ପରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ବୁଢ଼ୀକୁଦ ପଞ୍ଚାୟତର ବୁଢ଼ୀକୁଦ, ଟଭାକୁଦ, ସନ୍ତୋଷପୁର, ସିଙ୍ଗନାଳୀର ସାହିବସ୍ତିକୁ ପରିକ୍ରମା କରି ବିଜୁ ଜନତା ଦଳର ବିକାଶର ବାର୍ତ୍ତା ପ୍ରଚାର କରିଥିଲେ।

## ଅଙ୍ଗାରୁଆ ଗ୍ରାମରେ ଭାଗବତ ସପ୍ତାହ ପାଳିତ



**ରାମଚନ୍ଦ୍ରପୁର,୨୨।୫(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଅଙ୍ଗାରୁଆ ଗାଁରେ ଭାଗବତ ସପ୍ତାହ ଦୀର୍ଘ ସାତଦିନ ଧରି ପଦ୍ମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜନ ହେଉଛି। ଭାଗବତ ସପ୍ତାହ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ତଥା କେନ୍ଦ୍ର ବିନ୍ଦୁ ହେଲା ସାତଦୀନ ଧରି ମନ୍ଦିରରେ ଭାଗବତ ଗୋସେଇଁ ମାନେ ନିଷ୍ଠାର ସହ ଉପବାସ ବ୍ରତ ରଖି ଅହୋରାତ୍ର ରାଧାକୃଷ୍ଣଙ୍କ ବିଶେଷ ପୂଜାର୍ଚ୍ଚନା କରିଥାନ୍ତି। ଭାଗବତର ବିଭିନ୍ନ ଅଧ୍ୟାୟ ଅନୁସାରେ କୃଷ୍ଣଜନ୍ମର ଇତି ବୃତ୍ତି ଗାନ କରିବା ସହ ସାତଦୀନ ଧରି ହୋମଯଜ୍ଞ ଅନୁଷ୍ଠିତ ହୋଇଥାଏ। ଏଥି ଯୋଗୁଁ ଗାଁ ପରିବେଶ ଋଦ୍ଧିମନ୍ତ ହୋବ ସହ ଗ୍ରାମରେ ଭାଇଚାରା ସମ୍ପର୍କ ଯୋଡ଼ିଥାଏ। କାର୍ଯ୍ୟକ୍ରମରେ ଭାଗବତ ଗୋସେଇଁ ଭାବେ ଶାସନର ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପ୍ରହଲ୍ଲାଦ ହୋତା, ଉପେନ୍ଦ୍ରକୁମାର ପଣ୍ଡା, କରୁଣାକର ପଣ୍ଡା, ରକ୍ଷାକର କର , ବିଚିତ୍ରାନନ୍ଦ ଦାସ, ରଙ୍ଗାଧର ଶପଥଥି ,ସୋମନାଥ ଦାସ ନିଷ୍ଠାର ସହ ବ୍ରତ ରଖିବା ସହ ଭାଗବତ ପଠନ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି। ଗତକାଲି ଠାରୁ ଭାଗବତ ସପ୍ତାହ ଉପଲକ୍ଷେ ପାଲା ଅନୁଷ୍ଠିତ ହେଉଛି। ଗାୟକ ଶିଶିର ପାଢୀ ଏବଂ ସାଥି ପାଲା ପରିବେଷଣ କରୁଛନ୍ତି। ପାଲା ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଭଗବତ ପ୍ରେମୀ ଅଂଶଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷ ସ୍ୱାଇଁ, ସତ୍ୟନାରାୟଣ ପଣ୍ଡା, ପ୍ରେମାକାନ୍ତ ରଥ, କାର୍ତ୍ତିକ ସାହୁ, ଶଙ୍କର୍ଷଣ ବାରିକ, ବାଜ ଜେନା, ସୂର୍ଯ୍ୟ ଜେନା, ଅଜୟ ଜେନା ପ୍ରମୁଖ ପରିଚାଳନା କରୁଛନ୍ତି।

## ବିଜୁ ଜନତା ଦଳର ନିର୍ବାଚନୀ ସମାବେଶ



**ଆନନ୍ଦପୁର, ୨୨।୫ ସମିସ (ସମିସ):** ଘଷିପୁରା ବ୍ଲକ କଇସିଆରୀ, ସୁଆଳ, ଭାଲୁଗାଁରେ ଘଷିପୁରା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳର ପ୍ରାର୍ଥୀ ଗଡ଼ବାନ୍ଧଗୋଡା ପଞ୍ଚାୟତର ତିନୋଟି ଗ୍ରାମର ଶତାଧିକ ଲୋକଙ୍କୁ ନେଇ ନିର୍ବାଚନ ପ୍ରଚାର ସଭା ବଦ୍ରି ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏଥିରେ ମନୋରଞ୍ଜନ ଦେଓ, ସୁବାସ ଚନ୍ଦ୍ର ଜେନା, ଭୀମସେନ ରାଉତ, ସୁଧାଂଶୁ ବିଶ୍ୱାସ, ଚକ୍ରଧର ଦେଓ, ସୁକଦେବ ଜେନା, ନିତ୍ୟାନନ୍ଦ ଜେନା, ହୃଷିକେଶ ସାହୁ, ପ୍ରଶାନ୍ତ ସ୍ୱାଇଁ ବହୁ ନେତୃମଣ୍ଡଳୀ ଯୋଗଦେଇ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ ତିନୋଟି ଗ୍ରାମର ଶହଶହ ମହିଳା ଓ ଯୁବକ ଯୋଗଦେଇ ବଦ୍ରୀ ପାତ୍ରଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ଆନନ୍ଦପୁରରେ କଂଗ୍ରେସ ପ୍ରାର୍ଥୀଙ୍କ ଶୋଭାଯାତ୍ରା

ଆନନ୍ଦପୁର,୨୨।୫(ସମିସ)

ଆନନ୍ଦପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଜୟଦେବ ଯେନା ଆନନ୍ଦପୁର ପୌରାଞ୍ଚଳର ୧୬ଟି ଓ୍ୱାର୍ଡରେ ନିଜର ସମର୍ଥକଙ୍କୁ ନେଇ ଶୋଭାଯାତ୍ରା କରିଥିବାର ଦେଖାଯାଇଛି। ଆସନ୍ତା ୨୫ ତାରିଖରେ ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ନିର୍ବାଚନମଣ୍ଡଳୀର 'କୀରପୁରସ୍ଥିତ ଶ୍ରୀବାଲୁଙ୍କେଶ୍ୱର ମନ୍ଦିରରୁ ମୋଟର ସାଇକେଲ ରାଲିରେ ବାହାରି 'କୀରପୁର, ଆନନ୍ଦପୁର, ପଦ୍ମପୁର,ଘସିପୁରା, ଶୈଳଙ୍ଗ, ମୁରାବାଲି, ଖପରାଖାଇ, ଜଅଁରା, ସୁଡୁସୁଡିଆ, ରାଜନଗର, ସିଂଘସାହି, ଶାଳପଡ଼ା ପ୍ରମୁଖ ଅଞ୍ଚଳ ପରିକ୍ରମା କରି ନିର୍ବାଚନ ପ୍ରଚାର କରିଥିବା ଦେଖାଯାଇଛି।

### ବିନା ଅନୁମତିରେ ଚାଷ ଜମିରେ ପାଇପ୍ ପକାଇବା ମାମଲା

## ଠିକାସଂସ୍ଥା ବିରୋଧରେ ଥାନାରେ ଲିଖିତ ଅଭିଯୋଗ



ଆନନ୍ଦପୁର,୨୨।୫(ସମିସ)

ଆନନ୍ଦପୁରର ବିଭିନ୍ନ ସ୍ଥାନରେ କେତେକ ଠିକାସଂସ୍ଥା ଚାଷୀଙ୍କ ବିନା ଅନୁମତିରେ ଚାଷଜମିରେ ପାଇପ୍ ବିଛାଉଥିବାରୁ ଚାଷୀ ଓ ଠିକାସଂସ୍ଥା କର୍ମଚାରୀ ମୁହାଁମୁହିଁ ହେଉଥିବା ବେଳେ କେତେକ ଚାଷୀ ଏନେଇ ଠିକାସଂସ୍ଥା ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସୂଚନାନୁଯାୟୀ, ମୁରାବାଲି ମୌଜା ଖାତା ନଂ ୧୭୦, ପ୍ଲଟନଂ ୧୬୫/୧୬୭ ରେ ଥିବା ହରି ନାହାକ, ବିନୋଦ ବିହାରୀ ସାହୁ, କୁଳମଣି ରାଉଳ, ପରମାନନ୍ଦ ସାହୁ, ବୀରେନ୍ଦ୍ର ମହାରଣା, ଚିକୁ ନାହକଙ୍କ ଚାଷ ଜମିରେ ବିନା ଅନୁମତିରେ ଠିକାସଂସ୍ଥା ପାଇପ ପକାଇ ଦେଇଥିବାରୁ ଗତ ଅକ୍ଷୟ ତୃତୀୟାରୁ ଆରମ୍ଭ ହେବାକୁ ଥିବା ଚାଷକାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ କେନ୍ଦ୍ର କରି ପରିସ୍ଥିତି ଉତ୍ତେଜିତ ହୋଇଛି । ଦୁଇଦିନ ମଧ୍ୟରେ ଚାଷଜମିରୁ ପାଇପ ଉଠାଇନେବାକୁ ପ୍ରତିଶ୍ରୁତି ଦେଇ ପାଇପ ଉଠାଉନଥିବାରୁ ଚାଷକାର୍ଯ୍ୟରେ ଗୁରୁତର ବାଧା ସୃଷ୍ଟି ହୋଇଛି । ସ୍ଥାନୀୟ ମୁରାବାଲି ମୌଜାର କେତେକ ଚାଷଜମିରେ ଏହି ଠିକାସଂସ୍ଥା ବଳପୂର୍ବକ ପାଇପ ପକାଇବାରୁ ଉତ୍ତେଜକ ପରିସ୍ଥିତି ଲାଗିରହିଛି। ଏନେଇ ମୁରାବାଲି ଗ୍ରାମର ମନୋଜ କୁମାର ନାୟକ ଉକ୍ତ ଠିକା ସଂସ୍ଥା ବିରୋଧରେ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଏଣୁ ଜିଲ୍ଲା ପ୍ରଶାସନ ଓ ପୁଲିସ ଏଥିପ୍ରତି ଦୃଷ୍ଟି ଦେଇ ଚାଷୀମାନଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

**Format C-1**

(for candidate to publish in Newspapers, TV)

**Declaration about Criminal cases**

(As per the judgment dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India and Anr.)

**Name and Address of Candidate** : **SHRI MADHAB DHADA**, S/o- Naba Dhada, At- Chhatarpur, Po/Ps- Soro, Dist.- Balasore

Name of Political Party : **BIJU JANATA DAL**

Name of Election : **GENERAL ELECTIONS TO STATE LEGISLATIVE ASSEMBLY OF ODISHA-2024**

**Name of Constituency** : **41-SORO(SC) Assembly Constituency**

I **SHRI MADHAB DHADA** (name of candidate), a candidate for the above- mentioned election, declare for public information the following details about my criminal antecedents:

(A) Pending criminal cases

| Sl No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1. | JMFC, Hemgiri | CT No. 197/2005 | For Trial | U/s- 294/506/34 of IPC/ Obscene acts and songs/ criminal intimidation/ common intention |
| 2. | JMFC, Hemgiri | CT No. 709/2016 | For Trial | U/s- 436/34 of IPC Mischief by fire or explosive substance with intent to destroy house/ common intention |
| 3. | JMFC, Hemgiri | CT No 788/2020 | For Trial | U/s-206/286/34 of IPC & 9(B) of Explosive Act/ Fraudulent removal or concealment of property to prevent its seizure as forfeited or in execution/ Negligent conduct with respect to explosive substance/ common intention |
| 4. | JMFC, Hemgiri | CT No- 672/2022 | For Trial | U/s-379/34 & 188 OMMR Act/ Theft/ common intention |

(B) Detail about cases of conviction for criminal offence(s)

| Sl No. | Name of Court & Date(s) of order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| 1 | NA | NA | NA |

*In the case of election to Council of States or election to Legislative Council by MLAs, mention the election concerned in the place of name of constituency.

Sd/- SHRI MADHAB DHADA

## ୪ର୍ଥ ଥର ପାଇଁ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ବିଜେଡି ବାଜିମାତ୍ କରିବ ବୋଲି ଚର୍ଚ୍ଚା

# ପ୍ରଚାର ଓ ସଂଗଠନରେ ବିଜେଡି ଆଗୁଆ; ବିରୋଧୀ ବାଉଳା

ସୋସୋ,୨୨।୫(ସମିସ)

ରାଜ୍ୟରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନମଣ୍ଡଳୀଟି ରାଜନୈତିକ କ୍ଷେତ୍ରରେ ବିଭିନ୍ନ ସମୟରେ ଚର୍ଚ୍ଚାକୁ ଆସିଥାଏ। ୨୦୦୯ ମସିହାରୁ ଏଯାବତ୍ ନିର୍ବାଚନମଣ୍ଡଳୀଟି ବିଜୁ ଜନତା ଦଳର ଦଖଲରେ ରହିଛି। ୨୦୦୯ରୁ ୨୦୧୪ ଭାଗିରଥି ସେଠୀ ବିଧାୟକ ଥିବାବେଳେ ୨୦୧୪ରୁ ୨୦୧୯ ମାୟାଧର ଜେନା ବିଧାୟକ ହୋଇଥିଲେ। ୨୦୧୯ରେ ପୁର୍ନବାର ଭାଗିରଥି ସେଠୀ ବିଧାୟକ ଭାବେ ନିର୍ବାଚିତ ହୋଇ ଜିଲ୍ଲାର ଅନ୍ୟ ବିଧାୟକ ଠାରୁ ସର୍ବାଧିକ ଭୋଟରେ ବିଜୟ ହୋଇ ଚର୍ଚ୍ଚାକୁ ଆସିଥିବାବେଳେ ରାଜ୍ୟ ରାଜନୀତିରେ ନିଜର ସ୍ଥିତି ଜାହିରି କରିଥିଲେ। ୨୦୨୪ ନିର୍ବାଚନରେ ବିଜେଡି ଦଖଲକୁ ନେବ ବୋଲି ଚର୍ଚ୍ଚା ଜୋର ହେଉଥିବାବେଳେ ବିଜୁ ଜନତା ଦଳର ଏହା ଚତୁର୍ଥ ପାଳି ହେବ ବୋଲି ଆଲୋଚନା ହେଉଛି। ପ୍ରାର୍ଥୀ ଚୟନ ପୂର୍ବରୁ ୧୦ରୁ ଉର୍ଦ୍ଧ୍ୱ ଆଶାୟୀ ଥିବାବେଳେ ସେଥି ମଧ୍ୟରୁ ନବାଗତ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇଛନ୍ତି। ଶ୍ରୀ ସେଠୀ ଜଣେ ଉଚ୍ଚ ଶିକ୍ଷିତ, ଭଦ୍ର, ମିଷ୍ଟଭାଷୀ ଓ ଗୁରୁଜନମାନଙ୍କୁ ବ୍ୟବହାର ଦେବାରେ ସେ ନିଜର ପରିଚୟ ସୃଷ୍ଟି କରି ସମସ୍ତଙ୍କ ନିକଟରେ ଆଦୃତ ହୋଇପାରିଛନ୍ତି। ଯାହାକୁ ନେଇ ନିର୍ବାଚନମଣ୍ଡଳୀର ବିଜେଡି କର୍ମୀ ଓ ଅନ୍ୟ ଦଳର କର୍ମୀମାନେ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରୁଥିବାରୁ ତାଙ୍କର ଭୋଟହାର ବୃଦ୍ଧି ପାଇଛି। ତାଛଡ଼ା ଗତ ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ନିର୍ବାଚନ ପ୍ରଚାର କରିବା ପରେ ତାଙ୍କ ସଭାରେ ୩୦ ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ସମାଗମ ହୋଇଥିଲା। ଯାହାକୁ ନେଇ କର୍ମୀଙ୍କ ମଧ୍ୟରେ କିଭଳି ବିଜେଡି ଅଧିକ ଭୋଟରେ ବିଜୟୀ ହେବ ସେଥିପାଇଁ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଏହି ନିର୍ବାଚନମଣ୍ଡଳୀର ୨ଲକ୍ଷ ୩୫ହଜାର ଭୋଟର ଅଛନ୍ତି। ହାଟଡିହି ବ୍ଲକରୁ ୭ଜଣ ପ୍ରାର୍ଥୀ ହୋଇଥିବାବେଳେ ସେଥି ମଧ୍ୟରୁ ୨ଜଣ ସ୍ୱାଧୀନ ପ୍ରାର୍ଥୀ। କିନ୍ତୁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବା ନେଇ ଆଲୋଚିତ ହେଉଛି। କିନ୍ତୁ ବିଜୁ ଜନତା ଦଳର ଭୋଟହାର ଅଧିକ ଥିବା ସହିତ ସଂଗଠନ ମଜବୁତ୍ ଥିବାରୁ ପ୍ରତିଦ୍ୱନ୍ଦ୍ୱିଙ୍କ ଠାରୁ ୩୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହେବ ବୋଲି ଆକଳନ କରାଯାଉଛି। ତାଛଡ଼ା ବିଭିନ୍ନ ପଞ୍ଚାୟତସ୍ତରରେ ସଂଗଠନ ମଜବୁତ ଥିବାରୁ ପ୍ରଚାର ପ୍ରସାର ଓ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନାକୁ ଘରକୁ ଘର କର୍ମୀମାନେ ଯାଇ ସଚେତନତା କରାଯାଉଥିବାରୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ବିଭିନ୍ନ ମହଲରେ ଆକୃଷ୍ଟ ବୃଦ୍ଧି ପାଇଛି। ଯାହାକୁ ନେଇ ଦଳର କର୍ମୀ ଓ ନିର୍ବାଚନ ପରିଚାଳନା କରୁଥିବା କର୍ମକର୍ତ୍ତା ବହୁ ଖୁସି ବ୍ୟକ୍ତିଥିବା ସହ ନିଶ୍ଚିତ ବିଜେଡି ପ୍ରାର୍ଥୀ ବିଜୟୀ ହୋଇ ୪ର୍ଥ ଥର ପାଇଁ ଦଖଲ କରିବ ବୋଲି ଦାବି କରିଛନ୍ତି।



## ୩୬ନଂ, ଜୋନ୍‌ରେ ବିଜେଡିର ନିର୍ବାଚନ ପ୍ରଚାର ଜୋରଦାର



**ସୋସୋ/ହାଟଡିହୀ,୨୨।୫(ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀର ହାଟଡିହି ବ୍ଲକର ୩୬ନଂ ଜୋନ୍‌ର ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଏକ ହଜାରରୁ ଉର୍ଦ୍ଧ୍ୱ ମଟରସାଇକଲ ରାଲିରେ ସାମିଲ ହୋଇ ଗାଁ କୁ ଗାଁ ଯାଇ ପ୍ରଚାର ଜୋରଦାର କରିଛନ୍ତି। ବଞ୍ଚୋ, ଅକାରୁଆ, ପଞ୍ଚୁଗୋଛିଆ, ଆମ୍ବୋ, ସୁଲଣ, ଇଞ୍ଜଳ ଆଦି ବିଭିନ୍ନ ପଞ୍ଚାୟତରେ ମଟରସାଇକଲ ରାଲି ମାଧ୍ୟମରେ ପ୍ରଚାର କରିଛନ୍ତି। ତାଙ୍କ ପ୍ରତି ଭୋଟରଙ୍କର ଦିନକୁ ଦିନ ସମର୍ଥନ ବୃଦ୍ଧି ପାଉଥିବାରୁ ଅନ୍ୟ ପ୍ରାର୍ଥୀଙ୍କ ଠାରୁ ବହୁ ଭୋଟରେ ବିଜୟୀ ହେବେ ବୋଲି କର୍ମୀମାନେ ଦାବି କରିଛନ୍ତି। ଏହି ପ୍ରଚାର ସମୟରେ ବରିଷ୍ଠ କର୍ମୀ ମାର୍କଣ୍ଡ ଓଝା, ରତିକାନ୍ତ ରାଉତ, ଅମର ରାଉତ, ସଶାଙ୍କ ଶେଖର ପୁହାଣ, ସୁଧାକର ରାଉତ, ଦିନେଶ୍ ସେଠୀ, ରବିନ୍ଦ୍ର ନାୟକ, କାର୍ତ୍ତିକ ଜେନା, ମହେଶ୍ୱର ଜେନା, ଦିଲୀପ କୁମାର ମଲ୍ଲିକ, ବିଜୟ ନାୟକ ଆଦି ବହୁ କର୍ମୀ ସାମିଲ ହୋଇ ପ୍ରତି ପଞ୍ଚାୟତର ଗାଁଗୁଡ଼ିକୁ ବୁଲି ଭୋଟ ଭିକ୍ଷା କରିଥିଲେ।

## ନଙ୍ଗଳମୁଣ୍ଡା ଗ୍ରାମରୁ ବୃଦ୍ଧା ନିଖୋଜ



**ସୋସୋ,୨୨।୫(ସମିସ):** ହାଟଡିହି ବ୍ଲକ ବାଙ୍ଗୋର ପଞ୍ଚାୟତ ନଙ୍ଗଳମୁଣ୍ଡା ଗ୍ରାମର ନବପାତ୍ରଙ୍କ ପତ୍ନୀ ସେବତୀ ପାତ୍ର (୮୦) ୪ଦିନ ହେବ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ଗତ ୧୯ ତାରିଖରେ ହାଟଡିହି ବ୍ଲକର ଅଣାଠାରେ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଥିଲା। ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକ ଆସିଥିବାବେଳେ ସେବତୀ ପାତ୍ର ମଧ୍ୟ ଗାଁ ଲୋକଙ୍କ ସହିତ ଆସିଥିଲେ।ସଭା ଶେଷ ପରେ ଅନ୍ୟ ମହିଳା ଓ ଗାଁ ଲୋକ ଘରକୁ ଫେରୁଥିବାବେଳେ ସେବତୀଙ୍କୁ ରାତି ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ସେ ଫେରିନଥିଲେ। ଏନେଇ ପରିବାର ଲୋକ ଓ ସମ୍ପର୍କିୟ ଠାରୁ ଆରମ୍ଭ କରି ବିଭିନ୍ନ ଛକ ବଜାର ଖୋଜା ଖୋଜି କରିଥିଲେ ମଧ୍ୟ ବୃଦ୍ଧାଙ୍କର ପତା ମିଳୁପାରିନାହିଁ। ଏହାକୁ ନେଇ ବାଙ୍ଗୋର ପଞ୍ଚାୟତର ସରପଞ୍ଚଙ୍କୁ ଅବଗତ କରାଇବା ପରେ ଖୋଜା ଖୋଜି କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଙ୍କର ପତା ମିଳିନାହିଁ। ଏନେଇ ବାଙ୍ଗୋର ସରପଞ୍ଚଙ୍କ ପ୍ରତିନିଧି ବସନ୍ତ ପଢିଆରୀଙ୍କୁ ପଚାରିବାରୁ ନିଖୋଜ ବୃଦ୍ଧାଙ୍କୁ ଖୋଜା ଖୋଜି କରୁଛୁ। ଯଦି କୌଣସି ଜାଗାରେ ପତା ନମିଳେ ତେବେ ଥାନାରେ ଅଭିଯୋଗ କରାଯିବ ବୋଲି କହିଛନ୍ତି।

## ଛେଳି ଚୋରକୁ କାବୁକରି ପୁଲିସ ଜିମା ଦେଲେ ଲୋକେ

**ତୁରୁମୁଙ୍ଗା,୨୨।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଉଦୟପୁର ଗ୍ରାମର କୁକୁଡ଼ିହାପଶି ସାହିର ମୀନା ମହାନ୍ତଙ୍କ ଘରେ ବୁଧବାର ଭୋରରୁ ଜଣେ ଯୁବକ ଘରେ ପଶି ଛେଳି ଚୋରୀ କରୁଥିବା ମହଙ୍ଗା ପଡ଼ିଛି। ଚୋରି ବେଳେ ଘର ଲୋକଙ୍କ ହାତରେ ଧରାପଡ଼ିବା ପରେ ଲୋକେ ଉତ୍ତମ ମଧ୍ୟମ ଦେଇ ପୁଲିସକୁ ଜିମା ଦେଇଛନ୍ତି। ଘଟଣାର ତଦନ୍ତ କରି ପାଟଣା ପୁଲିସ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ସଦର ଥାନା କେରି ଗ୍ରାମର ଋଷି ମହାନ୍ତ( ୨୨) । ଏନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ନିଖୋଜ ବାଳକର ମୃତଦେହ ନଦୀରୁ ଉଦ୍ଧାର

**ଆନନ୍ଦପୁର,୨୨।୫(ସମିସ):** ସ୍ଥାନୀୟ ବୀରଗୋବିନ୍ଦପୁର ପଞ୍ଚାୟତ ଗୋହିରାବଣି ଗ୍ରାମରୁ ନିଖୋଜ ହୋଇଥିବା ବାଳକ ଦୁଃଶାସନ ନାୟକ(୧୫)ଙ୍କ ମୃତଦେହ ବୈତରଣୀ ନଦୀର କଲରାଗଡ଼ିଆ ଘାଟରୁ ଉଦ୍ଧାର ହୋଇଛି। ଉକ୍ତ ଗ୍ରାମର ଭଜମନ ନାୟକଙ୍କ ପୁଅ ଦୁଃଶାସନ ଗତ ମଙ୍ଗଳବାର ଅପରାହ୍ଣରେ ବୈତରଣୀ ନଦୀକୁ ଶୌଚ ହେବାକୁ ଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ଅନେକ ଖୋଜାଖୋଜି କରିବା ପରେ ବାଳକର କୌଣସି ପତା ମିଳିନଥିଲା। ଏନେଇ ପରିବାର ପକ୍ଷରୁ ଘସିପୁରା ଥାନାରେ ନିଖୋଜ ସମ୍ପର୍କିତ ରିପୋର୍ଟ ଦିଆଯାଇଥିଲା। ବୁଧବାର ସକାଳୁ ବୈତରଣୀ ନଦୀରେ ମୃତଦେହ ଭାସୁଥିବା ଜଣାପଡିବା ପରେ ପରିବାର ଲୋକେ ବାଳକକୁ ଚିହ୍ନଟ କରିଥିଲେ। ଖବର ପାଇ ଘସିପୁରା ପୁଲିସ ମୃତଦେହକୁ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ଘଟଣାର ସବିଶେଷ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ମୃତ ବାଳକର ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିବା ସମାଜସେବୀ ଆଦିକନ୍ଦ ଦତ୍ତ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

## ଚମ୍ପୁଆ ରେଞ୍ଜର ଭାବେ ଯୋଗଦେଲେ ଆଇଏଫ୍‌ଏସ୍ କେ. ରାମା ରାଜୁ



**ଚମ୍ପୁଆ,୨୨।୫(ସମିସ):** ଚମ୍ପୁଆ ରେଞ୍ଜରେ ନୂତନ ରେଞ୍ଜର ଭାବେ ଆଇଏଫ୍‌ଏସ କେ ରାମାରାଜୁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପ୍ରବେଶନର ଭାବେ ସେ ବର୍ତ୍ତମାନ ୩ ମାସ ଏହି କାର୍ଯ୍ୟ ସମ୍ଭାଳିବେ ବୋଲି ଜଣାଯାଇଛି। ଶ୍ରୀ ରାମାରାଜୁଙ୍କ ଘର ଓଡ଼ିଶା କୋରାପୁଟ ବରାମଲ ଅଞ୍ଚଳର ହୋଇଥିବା ବେଳେ ମ୍ୟାଟ୍ରିକ ପାଠ କୋରାପୁଟର କେବି ଶିକ୍ଷାନୁଷ୍ଠାନ ସମାପ୍ତ ପରେ ବିଶାଖାପାଟଣା ଶ୍ରୀ ଚୈତନ୍ୟ ଶିକ୍ଷାନୁଷ୍ଠାନରେ ଦ୍ୱାଦଶ ପାସ କରିବା ପରେ ଆଇଆଇଟି ଖଡଗପୁର ଠାରେ ଇଲେକ୍ଟ୍ରି ଇଂଜିନିୟରିଂ ପାସ କରିଥିଲେ। ନିଜର କର୍ମମୟ ଜୀବନ ୨୦୧୭ରୁ କର୍ପୋରେଟ ସେକ୍ଟରରୁ ଆରମ୍ଭ କରିଥିବା ରାମାରାଜୁ ନିଜ ଲକ୍ଷ୍ୟ ପୁରଣ ପାଇଁ ୟୁପିଏସି ପାଇଁ ପ୍ରସ୍ତୁତ ହେବା ସହିତ ସଫଳତାର ସହିତ ଆଇଏଫ୍‌ଏସ ହୋଇପାରିଥିଲେ। ଚମ୍ପୁଆ ଏକ ହାତୀପ୍ରବଣ ଏରିଆ ଭାବେ ପରିଚିତ ହୋଇଥିବା ବେଳେ ବର୍ଷସାରା ହାତି ସମସ୍ୟା ଲାଗିରହିଥାଏ। ହାତୀସମସ୍ୟା ବନବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ଏହାକୁ ମନିଟରିଂ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ୟା ସମାଧାନ କରାଯିବ ବୋଲି ଶ୍ରୀ ରାଜୁ ସୂଚନା ଦେଇଛନ୍ତି।

## ଆନନ୍ଦପୁରର ୧୧ଟି ୱାର୍ଡରେ ବିଜେଡିର ମାରାଥନ୍ ପ୍ରଚାର



**ଆନନ୍ଦପୁର,୨୨।୫(ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀର ପୌରପାଳିକା ଅନ୍ତର୍ଗତ ୧ନଂ ଠାରୁ ୧୧ନଂ ପର୍ଯ୍ୟନ୍ତ ସମସ୍ତ ଓ୍ୱାର୍ଡରେ ବିଜୁ ଜନତା ଦଳର ମାରାଥନ ପ୍ରଚାର ନିର୍ବାଚନୀ ମାହୋଲକୁ ଜୋରଦାର କରିଛି। କେନ୍ଦୁଝର ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାକେଶ କୁମାର ରାମଙ୍କ ସଂଯୋଜନାରେ ଏହି ମାରାଥନ ପ୍ରଚାର କରାଯାଇଥିଲା। ପୂର୍ବାହ୍ନ ୧୦ ଘଟିକା ସମୟରେମା ବ୍ରାହ୍ମଣୀ ଦେବୀଙ୍କ ପୀଠରେ ବିଜୁ ଜନତା ଦଳ ଆନନ୍ଦପୁର ପ୍ରାର୍ଥୀ ଅଭିମନ୍ୟୁ ସେଠୀ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଥିଲେ। ପରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଏକ ବିରାଟ ବାଇକ ଶୋଭାଯାତ୍ରାରେ ପଦ୍ମପୁର, ଆନନ୍ଦପୁର ଓ ଫକୀରପୁରର ବିଭିନ୍ନ ୱାର୍ଡର ସାହିବସ୍ତିକୁ ପରିକ୍ରମା କରି ବିଜୁ ଜନତା ଦଳର ବିକାଶର ବାର୍ତ୍ତା ପ୍ରଚାର କରିଥିଲେ। ପରେ ଆୟୋଜିତ ପଥପ୍ରାନ୍ତ ସଭାରେ ବିଧାୟକ ପ୍ରାର୍ଥୀ ଶ୍ରୀ ସେଠୀ, ଆନନ୍ଦପୁର ପୌରାଧକ୍ଷା ରଜନୀରାଣୀ ଖଟୁଆ, ଉପାଧକ୍ଷ ଦୁର୍ଗାଚରଣ ଦଳେଇ, କାଉନସିଲର ଲକ୍ଷ୍ମୀଧର ଦେହୁରୀ, ରଶ୍ମିତା ବାରି, ମଣିଲତା ରାମ, ନିବେଦିତା ବେହେରା ଓ କୃଷ୍ଣଚନ୍ଦ୍ର ରଣା, ସୁରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଯୋଡ଼ି ଶଙ୍ଖ ଚିହ୍ନରେ ବଟନ ଦବାଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଶୋଭାଯାତ୍ରାକୁ ଯୁବନେତା ରମାକାନ୍ତ ବେହେରା, ରାଜା ଦଳେଇ, ବାପୀ ଦାସ, ଦେବାଶିଷ ରାମ, ସତ୍ୟବ୍ରତ ରାମ, ଶୁଭ୍ରଜିତ ରାମ, ପ୍ରଦୀପ ସାହୁ, ଦାଶରଥି ପଣ୍ଡା, ସୁଶାନ୍ତ ନାହାକ, ଚାନ୍ଦୁଲୁ ସିଂ, ସଂଜୟ ଦଳେଇ, କବିନ୍ଦ୍ର ଖୁଣ୍ଟିଆ, ସପନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ବିଜେପି ଉପରେ ବର୍ଷିଲେ କଂଗ୍ରେସ ନେତା



**ଆନନ୍ଦପୁର,୨୨।୫(ସମିସ):** ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ତଥା ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି କରିଥିବା ଆକ୍ଷେପକୁ ନେଇ କଂଗ୍ରେସ ନେତା ଜୟଦେବ ଜେନା ନିନ୍ଦା ପ୍ରକାଶ କରିଛନ୍ତି। ବୁଧବାର ଆନନ୍ଦପୁରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ଶ୍ରୀ ଜେନା ବିଜେପି ନେତାଙ୍କ ଏଭଳି ଔଦ୍ଧତ୍ୟାମି ସମଗ୍ର ଓଡ଼ିଆ ଜାତିର ଭାବଭକ୍ତିକୁ କୁଠାରଘାତ କରିଛି। ଗର୍ବ ଓ ଅହଂକାରରେ ହିତାହିତ ଜ୍ଞାନ ଭୁଲିଯାଇ ପ୍ରବକ୍ତା ଶ୍ରୀ ପାତ୍ର ଶ୍ରୀଜଗନ୍ନାଥ ମୋଦିଙ୍କ ଭକ୍ତ ବୋଲି କହିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ମହାପ୍ରଭୁଙ୍କୁ ଅନ୍ୟଜଣେ ମଣିଷର ଭକ୍ତ କହିବା ମହାପ୍ରଭୁଙ୍କ ପ୍ରତି ସବୁଠୁ ବଡ଼ ଅପମାନ। ସମ୍ବିତଙ୍କ ଏଭଳି ବୟାନକୁ ନେଇ ଶ୍ରୀଜଗନ୍ନାଥ ପ୍ରେମୀ ଓ ଓଡ଼ିଆମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଧର୍ମକୁ ନେଇ ରାଜନୀତି କରୁଥିବା ବିଜେପିର ଏହି କୁହାଳିଆ ନେତା କୋଟି ଓଡ଼ିଆଙ୍କ ମଉଡ଼ମଣି ଓ ସମଗ୍ର ଜଗତର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେବା ଅତ୍ୟନ୍ତ ହୀନ ରାଜନୀତି ବୋଲି ଶ୍ରୀ ଜେନା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ନିର୍ବାଚନ ପ୍ରଚାର ସଭାରେ ଏଭଳି ବୟାନବାଜି କରିଥିବା ବିଜେପି ନେତାଙ୍କୁ ସମଗ୍ର ଓଡ଼ିଆ ଜାତି ପ୍ରତ୍ୟାଖ୍ୟାନ କରିବା ଉଚିତ ବୋଲି ପ୍ରତିକ୍ରିୟାରେ ଶ୍ରୀ ଜେନା ପ୍ରକାଶ କରିଛନ୍ତି।

## ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




**ଯୋଡ଼ା,୨୨।୫(ସମିସ):** ଚମ୍ପୁଆ ଉପଖଣ୍ଡ ସ୍ଥିତ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସୂଚନାଯୋଗ୍ୟ, ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରହିଥିବା ରକ୍ତ ଭଣ୍ଡାରରେ ରକ୍ତ ଅଭାବରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଦେଖିବାକୁ ମିଳିଛି। ଅପରପକ୍ଷେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଉକ୍ତ ସମସ୍ୟାଟି ଅଧିକ ଜଟିଳ ହୋଇ ସାମ୍ନାକୁ ଆସିଛି। ଯାହାକୁ ଦୃଷ୍ଟିରେ ରଖି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀମାନେ ଗୋଟିଏ ଦିନ ପୂର୍ବରୁ ମାନବ ପ୍ରେମୀ ସେବା ଟ୍ରଷ୍ଟର ସଦସ୍ୟ ମାନଙ୍କ ସହ ଯୋଗାଯୋଗ କରି ମିଳିତ ଭାବେ ଏହି ରକ୍ତଦାନ ଶିବିରଟିକୁ ଆୟୋଜିତ କରିଥିଲେ। ଅବସରରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଡା. ଜ୍ୟୋତି ରଞ୍ଜନ ମଲ୍ଲିକ ଓ ସହକର୍ମୀ, ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଭିଜିତ ଦିକ୍ଷୀତ ଓ ସହକର୍ମୀଙ୍କ ସହିତ ମାନବ ପ୍ରେମୀ ସେବା ଟ୍ରଷ୍ଟର ସଭାପତି ବିଚିତ୍ରାନନ୍ଦ ଦାସ, ଉପ-ସଭାପତି ରାଜକୁମାର ପାତ୍ର, ତପନ କୁମାର ଦାସଙ୍କ ସହିତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଘସିପୁରା ବିଧାୟକଙ୍କ ଭାତୃ ବିୟୋଗ



**ଆନନ୍ଦପୁର/ରାମଚନ୍ଦ୍ରପୁର, ୨୨।୫ (ସମିସ):** ଘସିପୁରା ନିର୍ବାଚନମଣ୍ଡଳୀର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ସାନ ଭାଇ ହରମୋହନ ପାତ୍ର(୬୫)ଙ୍କ ହୃଦଘାତରେ ପରଲୋକ ହୋଇଛି। ସବୁଦିନ ପରି ବୁଧବାର ସକାଳୁ ସେ ନିତ୍ୟକର୍ମ କରୁଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସାଇଁକୁଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସମେତ ବିଧାୟକ ଶ୍ରୀ ପାତ୍ର, ବିଜେଡି ନେତା ଅକ୍ଷୟ କୁମାର ସାହୁ, ସହପାଠୀ ବିଜୟ କୁମାର ଚକ୍ର, ମନୋରଞ୍ଜନ ଦେଓ, ଆସଲମ ଖାଁ, ଶିକ୍ଷାବିତ୍ ପ୍ରମୋଦ ଦେଓ, ବରିଷ୍ଠ ନାଗରିକ ନନ୍ଦକିଶୋର ବେହେରା, ଆଇନଜୀବୀ ରୁଦ୍ରନାରାୟଣ ପାତ୍ର, ବିଚିତ୍ର କୁମାର ଚକ୍ର, ବିଜେପି ନେତା ଡ. ଶମ୍ଭୁନାଥ ରାଉତ, ଦୀପକ କୁମାର ଜେନା, ଶିକ୍ଷକ ନାରାୟଣ ସାହୁ ତାଙ୍କ ଗଡବାନ୍ଧଗୋଡା ସ୍ଥିତ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ତାଙ୍କ ପ୍ରାର୍ଥୀବ ଶରୀରକୁ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଶ୍ମସାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ହରମୋହନଙ୍କ ବିୟୋଗରେ ଆଖପାଖ ଅଞ୍ଚଳରେ ଦୁଃଖ ପ୍ରକାଶ ପାଇଛି।

# ନିର୍ବାଚନ ପରିଚାଳନା ପ୍ରସ୍ତୁତି ସମୀକ୍ଷା କଲେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ

## ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବାକୁ ଅଧିକାରୀଙ୍କୁ ପରାମର୍ଶ

କେନ୍ଦୁଝର,୨୨।୫(ସମିସ)



ଆସନ୍ତା ମେ' ୨୫ ତାରିଖରେ କେନ୍ଦୁଝର ଜିଲ୍ଲାରେ ଏକକାଳୀନ ଲୋକସଭା ଓ ବିଧାନସଭା ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ବିଭିନ୍ନ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ କେନ୍ଦୁଝର ଜିଲ୍ଲା ଗସ୍ତ କରିଛନ୍ତି। ଜିଲ୍ଲାରେ ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ, ଶାନ୍ତିଶୃଙ୍ଖଳା ସହିତ କରିବାକୁ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ସମୀକ୍ଷା ହୋଇଥିଲା। ଏମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ପୁଲିସ ପର୍ଯ୍ୟବେକ୍ଷକ ରଜନୀକାନ୍ତ ମିଶ୍ର ଓ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିମାଲିନୀ କାଶ୍ୟପ ଥିବାବେଳେ ପର୍ଯ୍ୟବେକ୍ଷକ ମାନେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପରିଚାଳନା ନିମନ୍ତେ କରାଯାଇଥିବା ଚୂଡାନ୍ତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲରେ ଜିଲ୍ଲାପାଳ ଭିଶାଲ ସିଂହଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ମିନହାଜ ଆଲାମ, ଆଶିଷ ମୋଦି, ପୁଲିସ ପର୍ଯ୍ୟବେକ୍ଷକ ରୁପିନ୍ଦର ସିଂହ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାକେଶ କୁମାର ଦାସ, ଇନ୍ଦନ ଅଶୋକ କୁମାର, ରାଜ କମଲ ରଞ୍ଜନ ଓ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ସମେତ ଜିଲ୍ଲାର ନିର୍ବାଚନ ଦାୟିତ୍ୱରେ ଥିବା ଅନ୍ୟ ସମସ୍ତ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଂହ ଜିଲ୍ଲାର ନିର୍ବାଚନ ପରିଚାଳନା ନିମନ୍ତେ ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ। ପରେ ପରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ଜିଲ୍ଲାର ସମସ୍ତ ନୋଡାଲ ଅଧିକାରୀଙ୍କ ସହ ପ୍ରସ୍ତୁତି ନେଇ ଆଲୋଚନା କରି ସ୍ଥିତି ପଚାରି ବୁଝିଥିଲେ। ମତଦାନ ଦିନ ୱେବ କାଷ୍ଟିଂ ମାଧ୍ୟମରେ ବୁଥ୍ ଗୁଡ଼ିକରେ ହେଉଥିବା କାର୍ଯ୍ୟକଳାପର ନିରୀକ୍ଷଣ, ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ କେନ୍ଦ୍ରୀୟ ସୁରକ୍ଷା ବଳମାନଙ୍କ ମୁତୟନ ଓ ଯୋଗାଯୋଗ ସମସ୍ୟା ଥିବା ବୁଥ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା ଆପଣାଇବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା। ସମ୍ଭାବ୍ୟ ଲଘୁଚାପ ଜନିତ ଝଡ଼ ବର୍ଷା ଆଶଙ୍କା ଥିବାରୁ ସେହି ଅନୁଯାୟୀ ପ୍ରସ୍ତୁତି କରିବାକୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ପରାମର୍ଶ ଦେବା ସହ ନିର୍ବାଚନକୁ ଶାନ୍ତିଶୃଙ୍ଖଳା, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବାକୁ ସମସ୍ତ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।

